

ମା' ବିରଜା

# ଯାଜପୁର ହାଇଲାଇଟ୍ସ

## JAJPUR HIGHLIGHTS

RNI Reg. NO. ODIODI/2023/90444

ଭାଗ-୨ ● ସଂଖ୍ୟା-୮ ● ପାକ୍ଷିକ ● ଯାଜପୁର ● ଓଡିଶା-୧୬-୩୧, ମାର୍ଚ୍ଚ ୨୦୨୫ ● ମୂଲ୍ୟ-୫.୦୦ Vol.No. 2 ● Issue-8 ● Fortnightly ● Jajpur● Odisha● 16-31, MARCH -2025 ● Rs.5.00

# ପୃଥିବୀକୁ ଫେରିଲେ ସାହାସୀ ସୁନୀତା





ନୂଆଦିଲ୍ଲୀ, ୧୯।୩: ସୁନୀତା... ସୁନୀତା... ସୁନୀତା... ସବୁଠି ଶୁଭୁଛି ସୁନୀତା...ସୁନୀତା... । ସାରା ବିଶ୍ୱରେ ଏବେ ଗୋଟିଏ ନାଁ ସୁନୀତା ୱିଲିୟମ୍ସ। ଦୀର୍ଘ ୯ ମାସ ପରେ ମହାକାଶରୁ ଫେରିବା ପରେ ଏବେ ତାଙ୍କୁ ନେଇ ସବୁଠି ପ୍ରଶଂସା, ସବୁଠି ସ୍ୱାଗତ ଏବଂ ତାଙ୍କରି ଚର୍ଚ୍ଚା ଆଲୋଚନା । କିଏ ତାଙ୍କ ଧୈର୍ଯ୍ୟ ଓ ସାହସକୁ ସଲାମ କରୁଛି ତ କିଏ ତାଙ୍କ ଆୟୁଷକୁ। ୬୦ ବର୍ଷରେ ମହାକାଶରେ ଜୀବନ ସହ ସଂଗ୍ରାମ କରି ନୂଆ ଜୀବନ ପାଇଛନ୍ତି ସୁନୀତା। ଭାରତୀୟ ସମୟ ଭୋର୍ ୩ଟା ୨୭ ମିନିଟ୍। ଫ୍ଲୋରିଡ଼ା ସମୁଦ୍ରରେ ଲ୍ୟାଣ୍ଡି କଲା ନାସାର ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ। ପରେ ପରେ ସମୁଦ୍ରରୁ ବାହାରିରେ ମହାକାଶରେ ଜୀବନ ବ□ାଇବାକୁ ୯ ମାସ ସଂଗ୍ରାମ କରିଥିବା ସଂଗ୍ରାମୀ ।ମହାକାଶ ବିଜ୍ଞାନ କ୍ଷେତ୍ରରେ ବଡ଼

### ଭାରତୀୟ ସମୟ ଭୋର୍ ୩ଟା ୨୭ ମିନିଟ୍‌ରେ ସଫଳତାର ସହ ଅବତରଣ

ସଫଳତା । ୯ ମାସ ପରେ ପୃଥିବୀକୁ ଫେରିଛନ୍ତି ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର। ସୁନୀତା ଓ ବୁଚଙ୍କ ସହ ଅନ୍ୟ ୨ କ୍ରୁ ସଦସ୍ୟ ଆ।ଲେକଜାଣ୍ଡର ଗୋର୍ବୁନୋଭ ଓ ନାନା ମହାକାଶଚାରୀ ନିକ୍ ହେଗ ଫେରିଛନ୍ତି। ଆ।ମେରିକାର ଫ୍ଲୋରିଡା ନିକଟ ସମୁଦ୍ରତଟରେ ସ୍ପେସ୍-ଏକ୍ସ କୁ ଡ୍ରାଗନର ସଫଳ ଅବତରଣ ହୋଇଛି। ଦୀର୍ଘ ୧୭ ଘ□ାର ଯାତ୍ରା ପରେ ସ୍ପେସ୍ ଷ୍ଟେସନରୁ ପୃଥିବୀ ପୃଷ୍ଠରେ ପହ□ଛନ୍ତି ମହାକାଶଚାରୀ। ଭାରତୀୟ ସମୟ ଭୋର ୩ଟା ୨୭ ମିନିଟରେ ସମୁଦ୍ରରେ ଲ୍ୟାଣ୍ଡିଙ୍ଗ କରିଛି ନାସାର ସ୍ୱତନ୍ତ୍ର ସ୍ପେସକ୍ରାଫ୍ଟ, ପରେ ୪ ମହାକାଶଚାରୀ ବାହାରକୁ ଆ।ସିଥିବାର ଭିଡ଼ିଓ ସାମ୍ନାକୁ ଆ।ସିଛି । ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ସମୟରେ ସ୍ପେସ୍ଏକ୍ସ କୁ ଡ୍ରାଗନର ବେଗ ଘ□ା ପ୍ରତି ୨୭ ହଜାର କିଲୋମିଟର ଥିଲା। ଶବ୍ଦର ବେଗଠୁ ୨୨ ଗୁଣା ଅଧିକ ବେଗରେ କ୍ୟାପସୁଲ ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରିବା ପରେ ବାହ୍ୟ ତାପାମତ୍ରା ୧୯୨୬ ଡାଗ୍ରୀ ସେଲସିୟସକୁ ବଢିଯାଇଥିଲା।

ଅବତରଣର କିଛି ମିନିଟ ପୂର୍ବରୁ ଡ୍ରାଗନ କ୍ୟାପସୁଲରେ ଲାଗିଥିବା ୪ ଟି ପାରାସୁଟ୍ ଖୋଲାଯାଇଥିଲା। ପ୍ରଥମେ ଦୁଇଟି ପାରାସୁଟ ଖୋଲାଯାଇଥିଲା। ପରେ ଯାନର ବେଗ କମ ହେବା ପରେ ଅନ୍ୟ ୨ଟି ପାରାସୁଟ ଖୋଲିଥିଲା। ପାରାସୁଟ ଯୋଗୁଁ ଯାନର ବେଗ କମ୍ ହେବା ସହ ଧିରେ ଧିରେ ତଳକୁ ଖସି ସମୁଦ୍ରରେ ପଡିଥିଲା। ସ୍ପେସଏକ୍ସ କୁ ଡ୍ରାଗନ ସମୁଦ୍ରରେ ପଡିବା ପୂର୍ବରୁ ସେଠାରୁ ସ୍ୱତନ୍ତ୍ର ବୋଟ ମୁତୟନ ରହିଥିଲା। ମହାକାଶ ଯାନରୁ ମହାକାଶଚାରୀଙ୍କୁ ସୁରକ୍ଷିତ ବାହାର କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଠାଯାଇଛି। ୪ ମହାକାଶଚାରୀ ଫେରିବା ପରେ କେବଳ ଆ।ମେରିକା ନୁହେଁ ସାରା ବିଶ୍ୱରେ ଖୁସିର ଲହରୀ ଖେଳଯାଇଛି।

ସୁନୀତା ଭାରତୀୟ ବଂଶୋଭବ ହୋଇଥିବାରୁ ଗୁଜୁରାଟରେ ବାଣ ଫୁଟାଇ ଲୋକେ ସୁନୀତାଙ୍କ ଫେରିବା ବିଜୟକୁ ସେଲିବ୍ରେସନ କରିଛନ୍ତି । ବାରଣାସୀରେ ସୁନୀତାଙ୍କ ପାଇଁ ହୋମଯଜ୍ଞ ହୋଇଛି, ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା ହୋଇଛି । ତେବେ ଭାରତ ସମେତ ଅନେକ ଦେଶରେ ସୁନୀତାଙ୍କ ବିଜୟକୁ ବାଣ ଫୁଟାଇ ସେଲିବ୍ରେସନ କରାଯାଉଥିବା ବେଳେ ଚିତ୍ରଶିଳ୍ପୀ ନିଜ ଚିତ୍ର ମାଧ୍ୟମରେ ତାଙ୍କୁ ସ୍ୱଗତ ଜଣାଇଛି । ଆ।ଉ ସୁନୀତା ଫେରିବାର ସେହି ମୁହୂ□କୁ ଲୋକେ ଟିଭିରେ ଲାଇଭ ଦେଖିଛନ୍ତି ।

## ପ୍ରତ୍ୟାହାର କରାଗଲା ଯଶୱନ୍ତ ବର୍ମାଙ୍କ ନ୍ୟାୟିକ ଦାୟିତ୍ୱ

ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟର ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ନଗଦ ଟଙ୍କା ଜବତ ପରେ ଏବେ ତାଙ୍କୁ ନ୍ୟାୟିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ଦିଲ୍ଲୀ ହାଇକୋର୍ଟ ସୋମବାର ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କଠାରୁ ତୁରନ୍ତ ନ୍ୟାୟିକ ଦାୟିତ୍ୱ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି। ମାର୍ଚ୍ଚ ୧୪, ୨୦୨୫ରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମା।ଙ୍କ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ସମୟରେ ଠାବ ହୋଇଥିବା ବିପୁଳ ନଗଦ ଟଙ୍କାକୁ ନେଇ ବିବାଦ ଗମ୍ଭୀର ହେବାରେ ଲାଗିଛି। ସୁପ୍ରିମ୍‌କୋର୍ଟ ଗତରାତିରେ ଏ ବାବଦ ଉପଲବ୍ଧ ତଥ୍ୟ ଓ ରିପୋର୍ଟ ସାର୍ବଜନୀନ କରିଥିବା ବେଳେ ଏଥି ?ପାଇଁ ଯାଞ୍ଚ କମିଟି ମଧ୍ୟ ଗଠନ ହୋଇଛି। ସମଗ୍ର ମାମଲା ଉପରେ ଜଷ୍ଟିସ୍ ବର୍ମା କହିଛନ୍ତି ଯେ, ତାଙ୍କ କିମ୍ବା ତାଙ୍କ ପରିବାରର କେହି ଏହି ଟଙ୍କା ବିଷୟରେ ଜାଣି ନାହାନ୍ତି। ଏହି ଘଟଣା ତାଙ୍କ ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଏକ ଷଡ଼ଯନ୍ତ୍ର। ତାଙ୍କ ବୟାନ ଅନୁଯାୟୀ, ଟଙ୍କା ସେ ରହୁଥିବା ମୁଖ୍ୟ କୋଠା ନୁହେଁ, ବରଂ ଏକ ଆଉଟହାଉସରୁ ମିଳିଛି।

# ରାଜ୍ୟରେ ୨,୧୦୩ ହାତୀ ଅଛନ୍ତି : ମନ୍ତ୍ରୀ



ଭୁବନେଶ୍ୱର, ୧୮।୩(ନି.ପ୍ର.): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ୨୦୨୪ ମସିହା ହାତୀ ଗଣନା ଅନୁଯାୟୀ, ରାଜ୍ୟର ୩୮ଟି ବନ ଉପଖଣ୍ଡରେ ୨,୧୦୩ ହାତୀ ଅଛନ୍ତି।

ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଢେଙ୍କାନାଳ ବନ ଉପଖଣ୍ଡରେ ସର୍ବାଧିକ ୨୯୧ ହାତୀ ଅଛନ୍ତି। ତଥାପି, ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଗତ ତିନି ବର୍ଷ ମଧ୍ୟରେ ଢେଙ୍କାନାଳରେ ସର୍ବାଧିକ ହାତୀ ମୃତ୍ୟୁ ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ୪୧ ହାତୀଙ୍କ ମୃତ୍ୟୁ ହୋଇଛି। ମନ୍ତ୍ରୀ ଗୃହରେ କହିଛନ୍ତି, ସିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ରାଜ୍ୟରେ ସର୍ବାଧିକ ସଂଖ୍ୟକ ବାଘଙ୍କ ବାସସ୍ଥାନ। ଗତ ତିନି ବର୍ଷ ମଧ୍ୟରେ, ଶିକାରୀମାନେ ୨ଟି ରୟାଲ ବେଙ୍ଗଲ ଟାଇଗର ଏବଂ ୧୨ଟି ଚିତାବାଘକୁ ଶିକାର କରିଛନ୍ତି। କର୍ତ୍ତୃପକ୍ଷ ୬ଟି ରୟାଲ ବେଙ୍ଗଲ ଟାଇଗର ଚମଡ଼ା ଏବଂ ୬୩ଟି ଚିତାବାଘ ଚମଡ଼ା ଜବତ କରିଛନ୍ତି ବୋଲି ସେ କହିଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ସୂଚନା ପ୍ରଦାନ କରି ମନ୍ତ୍ରୀ କହିଛନ୍ତି, ଶିକାର ବିରୋଧୀ ଶିବିର, ଜଙ୍ଗଲ ପାଟ୍ରୋଲିଂ, ବନ୍ୟପ୍ରାଣୀ ଏବଂ ଶିକାର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବୈଷୟିକ ପ୍ରଣାଳୀର ବ୍ୟବହାର, ଶିକାର ବିରୋଧୀ ଦଳ, ହାତୀ ସଂଖ୍ୟା ମନିଟରିଂ, ଶିକାର କାର୍ଯ୍ୟକଳାପ ଉପରେ ସୂଚନାଦାତାଙ୍କୁ ପ୍ରୋତ୍ସାହନ, ଜଳାଶୟର ଖନନ, ଖାଦ୍ୟ ଉତ୍ପାଦନକାରୀ ଗଛ ରୋପଣ, ଚରଣ ଭୂମିର ବିକାଶ ଏବଂ ରେଳ, ବିଦ୍ୟୁ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗ ସହିତ ସମନ୍ୱୟ ବୈଠକ ଆ।ଦି ପଦକ୍ଷେପ ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରୀ କହିଛନ୍ତି। ସରକାର ଅନୁଦାନ ପ୍ରଦାନର ଅନଲାଇନ୍ ବଣ୍ଟନ ମଧ୍ୟ ଆ।ରମ୍ଭ କରିଛନ୍ତି ଏବଂ ସଂରକ୍ଷଣ ପ୍ରୟାସକୁ ବୃଦ୍ଧି କରିବା ପାଇଁ ବ୍ୟାପକ ଜନସଚେତନତା ଅଭିଯାନ ଆ।ରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି ।

# ଶରଧାପୁର ମାଙ୍କଡ଼ା ଖଣିରେ ବଡ଼ ଧରଣର ଚଢ଼ାଉ, ୩୭ ଗାଡ଼ି ଜବତ



ଖୋର୍ଦ୍ଧା:: ଖୋର୍ଦ୍ଧା ଟାଉନ୍ ଥାନାଠାରୁ ଅଳ୍ପ ଦୂରରେ ଥିବା ଶରଧାପୁର ମାଙ୍କଡ଼ା ଖଣିରେ ବଡ଼ ଧରଣର ଚଢ଼ାଉ ହୋଇଛି। ଆ।ଜି ସକାଳୁ ଏହି ଚାଉ କରାଯାଇ ୩୭ ଗାଡ଼ି ଜବତ ହୋଇଥିବା ନେଇ ଖଣି ଉପନିର୍ଦ୍ଦେଶକ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଏହି ଗାଡ଼ି ମଧ୍ୟରେ ରହିଛି ୨ଟି ଜେସିବି, ୪ଟି ହାଇୱା, ୭ଟି ଟ୍ରାକ୍ଟର, ୯ଟା ୪୦୭ ଗାଡ଼ି ୬ଟା ପାୱାର ଟିଲର ଓ ୯ଟା ବାଇକ। ଏହି ବଡ଼ ଧରଣର ଚଢ଼ାଉରେ ୪୦ଜଣ ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ଖଣି ବିଭାଗ ପକ୍ଷରୁ ଏଭଳି ଧରଣର ଚଢ଼ାଉ ଆ।ଗରୁ କେବେ ବି ହୋଇନଥିବା କୁହାଯାଉଛି।

ଖୋର୍ଦ୍ଧା ମାଟି ହେଉଛି ମୋରମ, ମାଙ୍କଡ଼ା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଥର ଖଣିର ଗନ୍ତାଘରୟ ଖଣି ସଂଖ୍ୟା ଏଠି ଯେତେ ଅଧିକ, ଚୋରି ବି ସେତିକି ଜୋରୟ କିଛି ସରକାରୀ ସ୍ୱୀକୃତିପ୍ରାପ୍ତ ଖଣିରୁ ବେଧଡ଼କ ଲୁଟ୍ ଚାଲିଥିବା ବେଳେ ଆ।ଉ କିଛି ଅ□ଳରେ ମାଫିଆ। ନିଜେ ନିଜେ ଚୋରା ଖଣି ଖୋଲି ଖୋଲି ନିଜର କଳା ସାମ୍ରାଜ୍ୟ ଲମ୍ବାଇ ଚାଲିଛନ୍ତି।

ଆ।ଜି ସକାଳୁ ଶରଧାପୁର ମାଙ୍କଡ଼ା ଖଣିରେ ଚଢ଼ାଉ କରାଯାଇ ୩୭ ଗାଡ଼ି ଜବତ ହୋଇଥିବା ନେଇ ଖଣି ଉପନିର୍ଦ୍ଦେଶକ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଏହି ଗାଡ଼ି ମଧ୍ୟରେ ରହିଛି ୨ଟି ଜେସିବି, ୪ଟି ହାଇୱା, ୭ଟି ଟ୍ରାକ୍ଟର, ୯ଟା ୪୦୭ ଗାଡ଼ି ୬ଟା ପାୱାର ଟିଲର ଓ ୯ଟା ବାଇକ। ଏହି ବଡ଼ ଧରଣର ଚାଉରେ ୪୦ଜଣ ପୁଲିସ ଅଧକାରୀ ନିୟୋଜିତ ହୋଇଛନ୍ତି। ଖଣି ବିଭାଗ ପକ୍ଷରୁ ଏଭଳି ଧରଣର ଚାଉ ଆ।ଗରୁ କେବେ ବି ହୋଇନଥିବା କୁହାଯାଉଛି।

ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କ ସୂଚନା ମୁତାବକ, ଗଲା ୭ତାରିଖରୁ ୧୭ତାରିଖ ମଧ୍ୟରେ ମୋଟ୍ ୪୨ଗୋଟି ଗାଡ଼ି (ପାୱାର ଟିଲର ସହିତ) ଧରପଗଡ଼ ହୋଇଛି। ତନ୍ମଧ୍ୟରୁ ୨୭ଗୋଟି ଗାଡ଼ି ହେଉଛି ବାଲି ବୋଝେଇ, ୩ଗୋଟି ମୋରମ, ୫ଟି ମାଙ୍କଡ଼ା ବୋଝେଇ ପଥର ଓ ୭ଗୋଟି ପାୱାର ଟିଲରକୁ ଜବତ କରାଯାଇଛି। ଉପରୋକ୍ତ ଜବତ ଗାଡ଼ି ଘଟଣାରେ ବିଭିନ୍ନ ଥାନାରେ ମୋଟ୍ ୨୨ଗୋଟି ମାମଲା ରୁଜୁ ହୋଇଛି ଓ ମୋଟ୍ ୧୮ଜଣଙ୍କର ଗିରଫଦାରୀ ବି ହୋଇଛି। ପୁଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ଏ ପ୍ରକାର ଧରପଗଡ଼ ଓ ଦୁଇ ସପ୍ତାହ ଭିତରେ ଏତେ ଗାଡ଼ି ଜବତ ଘଟଣା ଚୋରା ଚାଲାଣ ବିରୋଧରେ ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ।

## ନାରୀ ସୁରକ୍ଷା ପ୍ରସଙ୍ଗରେ ଗର୍ଜିବେ କଂଗ୍ରେସ କର୍ମୀ, ଘେରିବେ ବିଧାନସଭା



ଭୁବନେଶ୍ୱର: ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ଏଭଳି ଅଭିଯୋଗ ଆଣିଛି କଂଗ୍ରେସ। ମହିଳାଙ୍କ ସୁରକ୍ଷା ଦାବିରେ କଂଗ୍ରେସ କର୍ମୀମାନେ ଆସନ୍ତା ୨୭ ତାରିଖରେ ଓଡ଼ିଶା ବିଧାନସଭା ଘେରାଉ କରିବେ। ଏନେଇ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ଏହାକୁ ବିରୋଧ କରି ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ନାରୀଙ୍କୁ ସୁରକ୍ଷା ଦେବା ଦାବିରେ ଘେରାଉ ବ୍ୟାପକ କରାଯିବ। ଏହି ବିରୋଧ ପ୍ରଦର୍ଶନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଓ ନେତା ସାମିଲ ହେବେ । ରାଜ୍ୟରେ ପାଖାପାଖି ୪୫ ହାଜରରୁ ଅଧିକ ନାରୀ ନିଖୋଜ ରହିଛନ୍ତି। ନାରୀ ନିର୍ଯାତନାରେ ରାଷ୍ଟ୍ରପତିଙ୍କ ଗାଁ ମଧ୍ୟ ବାଦ୍ ପଡ଼ିନାହିଁ। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି। କିନ୍ତୁ ଏହା କ'ଣ ନାରୀ ସୁରକ୍ଷା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି ବିରୋଧ ପ୍ରଦର୍ଶନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଓ ନେତା ସାମିଲ ହେବେ। ରାଜ୍ୟରେ ପାଖାପାଖି ୪୫ ହାଜରରୁ ଅଧିକ ନାରୀ ନିଖୋଜ ରହିଛନ୍ତି। ନାରୀ ନିର୍ଯାତନାରେ ରାଷ୍ଟ୍ରପତିଙ୍କ ଗାଁ ମଧ୍ୟ ବାଦ୍ ପଡ଼ିନାହିଁ। ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା କଥା କହୁଛନ୍ତି। କିନ୍ତୁ ଏହା କ'ଣ ନାରୀ ସୁରକ୍ଷା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ବିଜେପି ସରକାରର ୯ ମାସ ଭିତରେ ୧୨.୯ ହାରରେ ଅପରାଧ ମହିଳାଙ୍କ ଉପରେ ହେଉଛି। ବିଭିନ୍ନ ଥାନାରେ ୧୬୦୦ ମାମଲା ରୁଜୁ ହୋଇଛି। ନାରୀଙ୍କୁ ସୁରକ୍ଷା ଯୋଗାଇବାରେ ସରକାର ବିଫଳ ହୋଇଛି। ବିଧାନସଭାରେ ଏହାକୁ ଉପସ୍ଥାପନା କଲେ କଂଗ୍ରେସ ବିଧାୟକଙ୍କୁ ସସ୍‌ପେଣ୍ଡ କରାଯାଉଛି। ସିଏ ଗାଳି ଦେଉଛି ଯିଏ କଲର ଧରୁଛି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତେଣୁ ସାଧାରଣ ଜନତାଙ୍କୁ ମଧ୍ୟ ନିବେଦନ କରୁଛୁ ସମସ୍ତେ ଏହି ଆନ୍ଦୋଳନକୁ ସଫଳ କରନ୍ତୁ ବୋଲି ଦେବାଶିଷ କହିଛନ୍ତି।

# ବିଜେଡିରେ ଗଡ଼ବଡ଼: ଦ୍ୱିତୀୟ କ୍ଷମତାକେନ୍ଦ୍ର କିଏ ହେବ ?



### ଦ୍ୱିତୀୟ କ୍ଷମତାକେନ୍ଦ୍ର କିଏ ହେବ ? ପୁଣି ୭ ଦିନିଆ ଦିଲ୍ଲୀ ଗସ୍ତରେ ନବୀନ

ଭୁବନେଶ୍ୱର: ନବୀନ ପଟ୍ଟନାୟକ ବିଜେଡି ସଭାପତି ଅଛନ୍ତି ଓ ରହିବେ। କିନ୍ତୁ ଦ୍ୱିତୀୟ କ୍ଷମତା କେନ୍ଦ୍ର କିଏ ହେବ? କିଏ ନବୀନଙ୍କ ପଛରେ ରହି ଦଳକୁ ପରିଚାଳନା କରିବ? ପାଣ୍ଡିଆନ୍ କ'ଣ ସତରେ ବିଜେଡି ଛାଡ଼ି ବାହାରକୁ ଚାଲିଯିବେ ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଚାଲିଥିଲା ବେଳେ ଏସବୁକୁ ନେଇ ଏବେ ବିଜେଡିରେ ଚର୍ଚ୍ଚା ଜୋହ ଧରିଛି। ପାଣ୍ଡିଆନ୍ ବିଜେଡିର ପ୍ରଚ୍ଛଦରେ ରହି ପରିଚାଳନା କରୁଥିବା କଥା ଅଛପା ନାହିଁ। ବିଜେଡିର ଜଣେ ନେତା ନବୀନ ନିବାସରେ ତାଙ୍କ ସହ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି। ଆଉ ଜଣେ ବିଧାୟକ ଗଣମାଧ୍ୟମରେ ପାଣ୍ଡିଆନଙ୍କ ସପକ୍ଷରେ ଖୋଲାଖୋଲି ଓକିଲାତି କରିବାକୁ ପଛାଇ ନାହାନ୍ତି। ଦଳର ସାଂଗଠନିକ ନିର୍ବାଚନ ମଧ୍ୟ ତାଙ୍କ ଇଙ୍ଗିତ ?ରେ କରାଯାଉଥିବା କୁହାଯାଉଛି। ଏସବୁ ଭିତରେ ଯେଉଁ ଚର୍ଚ୍ଚା ବିଜେଡି ଓ ରାଜନୈତିକ ଶିବିରକୁ ଗରମ କରିଛି, ତାହା ହେଲା- ପାଣ୍ଡିଆନ୍ ଏକ ଆନ୍ତର୍ଜାତିକ କମ୍ପାନିରେ ଚାକିରି କରିବେ ଓ ଓଡ଼ିଶା ଛାଡ଼ିବେ। ଏ ସମ୍ପର୍କରେ ନିଜେ ପାଣ୍ଡିଆନ୍? ମୁହଁ ଖୋଲିନାହାନ୍ତି। ନବୀନ ନିରବ ଅଛନ୍ତି। ଯୋଜନାବଦ୍ଧ ଭାବେ ଏ ଖବର ବାହାରକୁ ଛଡ଼ାଯାଇଛି ନା ଏଥିରେ ସତ ଅଛି, ତାହା ସମୟ କହିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦଳୀୟ ଆଭ୍ୟନ୍ତରୀଣ ରାଜନୀତି ଗଡ଼ବଡ଼ ଥିଲା ବେଳେ ନବୀନ ପୁଣି ଦିଲ୍ଲୀ ଯାଇଛନ୍ତି। ୭ଦିନ ପରେ ଫେରିବେ। ନବୀନଙ୍କ ବାରମ୍ବାର ଦିଲ୍ଲୀ ଗସ୍ତର କାରଣ ଖୋଜୁଛନ୍ତି ଦଳୀୟ ନେତା। କିଛି ଦିନ ତଳେ ନବୀନ ଦିଲ୍ଲୀ ଯାଇଥିଲେ ଓ ତା' ପରେ ପାଣ୍ଡିଆନ୍‌ଙ୍କ ବିଦେଶ ଚାକିରି ଚର୍ଚ୍ଚା ପଦାକୁ ଆସିଥିଲା। ଏଥର ବି ତାଙ୍କ ସହ ପାଣ୍ଡିଆନ୍ ଦିଲ୍ଲୀ ଯାଇଛନ୍ତି। କିନ୍ତୁ କେଉଁ କାରଣ ପାଇଁ ଏତେ ଦିନ ନବୀନ ଦିଲ୍ଲୀରେ ରହିବେ, ତାହା ସ୍ପଷ୍ଟ ହୋଇନି। ନିକଟରେ ତାମିଲନାଡୁରେ କେନ୍ଦ୍ରର ବିଜେପି ସରକାର ବିରୋଧରେ ହୋଇଥିବା ମେଳିରେ ବିଜେଡି ସାମିଲ ହୋଇଥିଲା। ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ରର ନୀତିକୁ ଦଳ ବିରୋଧ କରିଥିଲା। ବିଜେଡିର ଏହି ପରିବର୍ତ୍ତିତ ଆଭିମୁଖ୍ୟ ଉପରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନିରବ ଅଛନ୍ତି। ଏହି ପରିପ୍ରେକ୍ଷୀରେ ନବୀନଙ୍କ ଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ଏପଟେ ବିଜେଡିର ପରାଜୟ ପରେ କିଛି ଦିନ ନେତାମାନେ ନିରବ ରହିଥିଲେ। ଦଳ ପକ୍ଷରୁ ପରାଜୟର ସମୀକ୍ଷା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ୯ ମାସ ଭିତରେ ସେପରି କିଛି ହେଲା ନାହିଁ କି ହେବାର ସମ୍ଭାବନା ନାହିଁ। ଏଣୁ ଦଳ ଭିତରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ନେତାମାନେ ବିଭିନ୍ନ ସ୍ଥାନରେ ଗୋଷ୍ଠୀ ହୋଇ ବୈଠକ କରୁଛନ୍ତି। ସୁଯୋଗ ମିଳିଲେ ନବୀନଙ୍କ ଆଗରେ ଫେରାଦ ବି ହେଉଛନ୍ତି। ହେଲେ ନବୀନଙ୍କ ଆଭିମୁଖ୍ୟ ଠଉରାଇ ପାରୁ ନାହାନ୍ତି। କେବେ କେବେ ନବୀନ ସେମାନଙ୍କୁ ଧରାଛୁଆଁ ଦେଉ ନାହାନ୍ତି। ଲକ୍ଷ୍ୟ କରାଯାଉଛି, ବିଜେଡି ନେତାମାନେ ମୁଖର ହେଲେଣି। ରାଜା ଚକ୍ର ଗିରଫ ହେଲା ପରେ ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର ପରୋକ୍ଷରେ ପାଣ୍ଡିଆନ୍‌ଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଅରୁଣ ସାହୁ ଖୋଲାଖୋଲି ଭାବେ ୫-ଟି ଯୋଗୁ ହାରିଲୁ ବୋଲି କହିଦେଲେ। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଦଳୀୟ ପରିଚାଳନା ନେଇ ପରୋକ୍ଷରେ ଅସନ୍ତୋଷ ଜାହିର କରିଥିଲେ। ନବୀନ ଓ ବିଜେଡିର ଭଲ ପାଇଁ କାର୍ପଟଦାର ନେତା ଧର୍ମପଦ ହେବାକୁ ଆହ୍ୱାନ ଦେଇଥିଲେ। ଅଶୋକ କାହାରି ନାମ ନେଇ ନଥିଲେ ପାଣ୍ଡିଆନ୍ ଓ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତି ଇଙ୍ଗିତ କରିଥିଲେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଏଇଥିପାଇଁ ଯେ ବିଜେଡିର ପରାଜୟ ଓ ପରବର୍ତ୍ତୀ ଅବ୍ୟବସ୍ଥା ପାଇଁ ଏମାନଙ୍କୁ ମୁଖ୍ୟତଃ ସମସ୍ତେ ଦାୟୀ କରୁଛନ୍ତି। ଏହି ଦୁଇ ଜଣଙ୍କ ମାମଲ୍ ?ତି ଥିବା ଯାଏଁ ବିଜେଡି ଉଧେଇବ ନାହିଁ ବୋଲି ଖୋଲାଖୋଲି ଚର୍ଚ୍ଚା ହେଉଛି। ପାଣ୍ଡିଆନ୍ ନବୀନ ନିବାସ ନ ଛାଡ଼ିବା ଯାଏଁ ଦଳରେ କିଛି ହେବାର ନାହିଁ ବୋଲି କହିବାକୁ ପଛାଉନାହାନ୍ତି। ଉଲ୍ଲେଖଥାଉକି, ଅଶୋକ ଏଭଳି ମନ୍ତବ୍ୟ ଦେବାର ୪/୫ ଦିନ ଆଗରୁ ନବୀନ ନିବାସ ଯାଇଥିଲେ। ସେଠାରେ ନବୀନଙ୍କ ସହ ଏକାନ୍ତରେ ପ୍ରାୟ ୨୦ ମିନିଟ୍ କଥା ହୋଇଥିଲେ। ପରେ ସେ ଯେଉଁ ଧର୍ମପଦ ଉପାଖ୍ୟାନ କହିଲେ, ସେଥିରେ ନବୀନଙ୍କ ସହମତି ଅଛି ବୋଲି ଗୋଟିଏ ଗୋଷ୍ଠୀ ପ୍ରଚାର ଚଳାଇଲେଣି।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସଂପାଦକୀୟ

# ଜଙ୍ଗଲ ସୁରକ୍ଷା

ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖ ଦିନଟିକୁ ବିଶ୍ୱ ବନ ଦିବସ ରୂପେ ଆମେ ପାଳନ କରିଥାଉ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ଜଙ୍ଗଲ ଓ ଖାଦ୍ୟ ଓ ଜଙ୍ଗଲ ପ୍ରକୃତିର ଏକ ବରଦାନ । ଜଙ୍ଗଲ ଆମର ଖାଦ୍ୟ, ଇନ୍ଧନ, ଔଷଧ ଆଦି ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରୁଛି ଓ ଏଥିସହିତ ବାୟୁମଣ୍ଡଳରେ ଅମ୍ଳଜାନର ସ୍ତରକୁ ବଜାୟ ରଖିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରୁଛି ଓ ତେବେ ପ୍ରଶ୍ନ ଉଠେ, ଦ୍ରୁତ ଗତିରେ ଅବକ୍ଷୟ ଘଟୁଥିବା ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ଆମେ କେତେ ଯତ୍ନଶୀଳ ଓ ସରକାର କଣ ସବୁ ନୀତି ନିୟମ ପ୍ରଣୟନ କରୁଛନ୍ତି ଓ ସେ ସବୁ କେତେଦୂର କାର୍ଯ୍ୟକାରୀ କରାଯାଉଛି ଓ ସରକାର ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଜଙ୍ଗଲର ସୁରକ୍ଷା କିପରି ହେଉଛି । ଆମ ଦେଶରେ ୩୬ ଭାଗ ଜଙ୍ଗଲରେ ବନାଗ୍ନିର ପ୍ରକୋପ ରହୁଛି ଓ ପ୍ରାକୃତିକ ଓ ମନୁଷ୍ୟକୃତ ଅଗ୍ନିସଂଯୋଗ ବନକୁ ଧ୍ୱଂସ କରିଚାଲିଛି । ବନାଗ୍ନି କେବଳ ଜଙ୍ଗଲ ଧ୍ୱଂସ କରେନାହିଁ, ବାୟୁମଣ୍ଡଳରୁ ଅମ୍ଳଜାନର ସ୍ତରକୁ କମ କରିଦିଏ ଯାହାକି ମଣିଷର ଜୀବନଧାରଣକୁ ବିଶେଷ ଭାବରେ ପ୍ରଭାବିତ କରିଥାଏ ଓ ଉଷ୍ମ ବାୟୁ ଜୀବନ ପ୍ରତି ଘାତକ ଓ ବନାଗ୍ନି ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଓ କିନ୍ତୁ ଯେତେବେଳେ ବାୟୁମଣ୍ଡଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ଚିନ୍ତା ପ୍ରକଟ କରନ୍ତି, ଆନ୍ତର୍ଜାତିକ ସ୍ତରରେ ବୈଠକ ବସେ, ବହୁ ପ୍ରସ୍ତାବ ପାରିତ ହୁଏ, ସେତେବେଳେ ମନୁଷ୍ୟକୃତ ବନାଗ୍ନି ରୋକିବା ଦିଗରେ ସେପରି କୌଣସି ପଦକ୍ଷେପ ନିଆଯାଏ ନାହିଁ ଓ ସାଧାରଣତଃ, ଜଙ୍ଗଲ ମାନଙ୍କରେ ଅନେକ ଦୁର୍ଲଭ ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ । ସେଥିରୁ ଆୟୁର୍ବେଦ ଔଷଧ ପ୍ରସ୍ତୁତ କରାଯାଏ । କିନ୍ତୁ ଜଙ୍ଗଲର ଅବକ୍ଷୟ ସହିତ ସେଭଳି ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ମଧ୍ୟ ପୋଡି ପାଉଁଶ ହୋଇଯାଏ, କୌଣସି କାମରେ ଲାଗିପାରେ ନାହିଁ ଓ ଜଙ୍ଗଲର ଜୀବଜନ୍ତୁ ଓ ସରୀସୃପ ପରିବେଶ ସନ୍ତୁଳନରେ ସହାୟକ ହୋଇଥାନ୍ତି ଓ କିନ୍ତୁ ଶିଳ୍ପାୟନ ନାମରେ ଜଙ୍ଗଲ କାଟି ସଫା କରିଦିଆଯାଏ ଓ ଯାହା ଫଳରେ ପରିବେଶ ଅସନ୍ତୁଳିତ ହୋଇପଡେ, ଜୀବଜନ୍ତୁ ଆହାର ଓ ଜଳ ଅଭାବରେ ପ୍ରାଣ ହରାଇଥାନ୍ତି ଓ ଏହାକୁ ଆୟ□ କରିବାକୁ ହେଲେ ଉଭୟ ପ୍ରତିରୋଧ ଓ ପ୍ରତିକାରର ଆବଶ୍ୟକତା ରହିଛି ଓ ଜଙ୍ଗଲର ଶୁଖିଲା ଡାଳପତ୍ର, ଘାସ ଓ ଶୁଖିଲା ଘାସ ନିୟମିତ ଭାବରେ ପରିଷ୍କାର କରାଯିବା ଉଚିତ ।


ବଣର ଅବକ୍ଷୟ ରୋକିବାକୁ ହେଲେ ବନାଗ୍ନି ନିୟନ୍ତ୍ରଣର ବିଶେଷ ଆବଶ୍ୟକତା ରହିଛି ଓ ମନୁଷ୍ୟକୃତ ବନାଗ୍ନି, ଅବାଧ ଶିକାର ଓ ବନ୍ୟଯାତ ଦ୍ରବ୍ୟ ଆଦିର ଚୋରାଚାଲାଣ ରୋକିବା ନିମନ୍ତେ ସତତ ସଜାଗ ରହିବା ସହିତ ଅଧିକ ବନ୍ୟ କର୍ମଚାରୀ ନିଯୁକ୍ତ କରିବାର ଜରୁରୀ ଆବଶ୍ୟକତା ରହିଛି ଓ ବନାଗ୍ନି ନିୟନ୍ତ୍ରଣ ପାଇଁ ଏହାର ଉତ୍ପତ୍ତିସ୍ଥଳକୁ ଠାବ କରି ନିର୍ବାପିତ କରିବା ଓ ଶୁଖିଲା ପତ୍ର ଓ ଡାଳ ଆଦିରେ ଅଗ୍ନି ସଂଯୋଗରୁ ବିରତ ରହିବା ଉଚିତ ଓ ବ୍ୟୋମଯାନରୁ କୃତ୍ରିମ ବର୍ଷା କରାଇ ବନାଞ୍ଚଳକୁ ଅଗ୍ନିର ପ୍ରକୋପରୁ ରକ୍ଷା କରାଯାଇପାରିବ ଓ ପାହାଡ ପାର୍ବତରୁ ଅଗ୍ନି ଉଦଗୀରଣ ହେଲେ ବନାଞ୍ଚଳ ଓ ଜୀବଜନ୍ତୁ ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ହେବେ ଓ ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେଲେ ନିଆଁ ଲାଗିବା ସ୍ୱାଭାବିକ ଓ ଆମ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୩୬.୭୩ ପ୍ରତିଶତ ଅଟେ ଓ ବିଗତ ଦୁଇ ବର୍ଷ ମଧ୍ୟରେ ଏପରି ଅ□ଳ ୫୫୮.୫୭ ବର୍ଗକିଲୋମିଟର ବୃଦ୍ଧି ପାଇଛି ଓ ଏହା ଏକ ସକାରାତ୍ମକ ସଂକେତ ଓ ବନିକରଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସରକାର ପ୍ରାଥମିକତା ଦେଉଛନ୍ତି ଓ ନୂତନ ଜଙ୍ଗଲ ସୃଷ୍ଟି, ଜୈବବିବିଧତା ଓ ଜଙ୍ଗଲର ସୁରକ୍ଷା ଅତୀବ ଗୁରୁତ୍ୱପୂର୍ଣ୍ଣ ଓ ଏହା ସହିତ ଜଙ୍ଗଲ ସୁରକ୍ଷା ସମିତିମାନଙ୍କର ସଶକ୍ତିକରଣ ଉପରରେ ମଧ୍ୟ ଧ୍ୟାନ ଦିଆଯିବା ଆବଶ୍ୟକ ଓ ଜଙ୍ଗଲ ସୁରକ୍ଷା ସମ୍ବନ୍ଧିତ ପ୍ରତିଟି ପଦକ୍ଷେପ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ସହାୟକ ହୋଇପାରିବ ଓ ପ୍ରଦୂଷିତ ବାୟୁ ସେବନ କରି ପ୍ରତିବର୍ଷ ୭୦ ଲକ୍ଷ ବ୍ୟକ୍ତି ପ୍ରାଣ ହରାଉଛନ୍ତି ଓ ବିଗତ ୧୦ ବର୍ଷ ମଧ୍ୟରେ ଅଢେଇ ଲକ୍ଷ ଥର ଜଙ୍ଗଲ ଜଳିଲାଣି ଓ ୮୮୮ ହାତୀ ମଲେଣି ଓ ୧୧୦୯ ମଣିଷ ମାରିଲେଣି ଓ ସେ ଯାହାହେଉ, ଜଙ୍ଗଲ ନିଆଁକୁ ରୋକିବା ଓ ଶିକାରୀମାନଙ୍କୁ ଠାବ କରିବା ଲାଗି ଡ୍ରୋନ ଓ କୃତ୍ରିମ ବୁଦ୍ଧିମ□ା (ଏଆଇ) ର ବ୍ୟବହାର ଆଗାମୀ ଦିନରେ ଜଙ୍ଗଲକୁ ସୁରକ୍ଷିତ ରଖିବାରେ ଓ ଏହାର ଅବକ୍ଷୟ ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଜନପ୍ରିୟ ଜନ ନେତା ଓ ମୂଲ୍ୟବୋଧର ନୀତିନିଷ୍ଠ ବ୍ୟକ୍ତିତ୍ୱ : ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ

**ସୌରଚନ୍ଦ୍ର ମହାପାତ୍ର**

ଦୁଇଦିନ ଭିତରେ ଓଡ଼ିଶା ଦୁଇଜଣ ବରପୁତ୍ରଙ୍କୁ ହରାଇବା ରାଜ୍ୟ ପାଇଁ ଅପୂରଣୀୟ କ୍ଷତି । ଗତ ରବିବାର ଦିନ ଓଡ଼ିଆ କବିତାର ଶିଖର ପୁରୁଷ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ପରଲୋକ ଖବର ଓଡ଼ିଶାବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜନପ୍ରିୟ ଜନନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ଓଡ଼ିଶାବାସୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି । ଓଡ଼ିଶାରେ ବିଜେପିର ମୂଳଦୁଆ ପକାଇବା ଓ ପ୍ରସାରରେ ତାଙ୍କ ଗୁରୁତ୍ୱ ଓ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ଓଡ଼ିଶାବାସୀ କେବେ ବି ଭୁଲି ପାରିବେ ନାହିଁ ଯେ ରାଜ୍ୟରେ ଜାତୀୟ ରାଜପଥକୁ ଦ୍ୱିଗୁଣ କରିବାରେ ଦେବେନ୍ଦ୍ର ବାବୁଙ୍କ ଅବଦାନକୁ କେହି କେବେ ଭୁଲି ପାରିବେ ନାହିଁ । ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ।

୧୯୪୧ ମସିହା ସେ ସମୟର ଢ଼େଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ । ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ । ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢ଼େଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ । ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ । ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ । ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୧ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ ।



ଓଡ଼ିଶାବାସୀଙ୍କୁ ଚିରକାଳ ମନେପକାଇବା ପାଇଁ ସେ ଏପରି କାର୍ଯ୍ୟ କରିଯାଇଛନ୍ତି ଯେ ତାହା ବାସ୍ତବିକ ତାଙ୍କ ବ୍ୟକ୍ତିତ୍ୱ ଏବଂ ଓଡ଼ିଶା ପ୍ରତି ଭଲ ପାଇବାର ବଡ଼ ଉଦାହରଣ । ଓଡ଼ିଶାର ଜାତୀୟ ରାଜପଥର ପରିମାଣକୁ ସେ ଦୁଇଗୁଣ କରିଦେଇଥିଲେ । ସେତେବେଳେ ଓଡ଼ିଶାର ଜାତୀୟ ରାଜପଥ ୧୬୦୦ କିଲୋମିଟର ଥିଲା କିନ୍ତୁ ଲଗାତର ଦୁଇଟି ପାଳିରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ନିର୍ବାହ ସମୟରେ ସେ ଏହାକୁ ଗୋଟିଏ ନିଷ୍ପତ୍ତିରେ ହିଁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ । ତାଙ୍କ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା । ତେବେ ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ପରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ର ଓ ଉଲ୍ଲେଖନୀୟ ସଫଳତା ରଖିଛନ୍ତି ତାହା ହେଉଛି ଉଭୟଙ୍କ ଦୁଇପିଢ଼ି କେନ୍ଦ୍ର ମନ୍ତ୍ରୀ ହୋଇଛନ୍ତି । ବିଜୁବାବୁ ଅଣକଂଗ୍ରେସ ଜନତା ପାର୍ଟି ସରକାରରେ କେନ୍ଦ୍ରରେ ମନ୍ତ୍ରୀ ଥିଲାବେଳେ ତାଙ୍କ ପୁଅ ନବୀନ ପଟ୍ଟନାୟକ ଅଣକଂଗ୍ରେସ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ । ବିଜୁ ବାବୁ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ଆଉ ନବୀନ ବାବୁ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ସେହିପରି ଡାକ୍ତର ଦେବେନ୍ଦ୍ର ପ୍ରଧାନ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାରରେ ମନ୍ତ୍ରୀ ହୋଇଥିଲେ । ୧୯୯୮-୨୦୦୦ ଦୁଇଟି ପର୍ଯ୍ୟାୟରେ ସେ ମନ୍ତ୍ରୀ ପଦ ପାଇଥିଲେ । ତାଙ୍କ ପୁଅ ଧର୍ମେନ୍ଦ୍ର ପ୍ରଧାନ ୨୦୧୪ରୁ ମନ୍ତ୍ରୀ ଅଛନ୍ତି ।

ଓଡ଼ିଶାରେ ଭାଜପାକୁ ସୁଦୃଢ଼ କରିବା ସଂଗଠନକୁ ମଜଭୁତ ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବାରେ ଦେବେନ୍ଦ୍ର ବାବୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ । ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି । ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ । ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି । ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ :
soura999mohapatra@gmail.com

# ବାସ୍ତୁ ଓ ବେଡ଼ରୁମ୍

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବଢ଼ିଛି ଜୀବନର ବ୍ୟସ୍ତତା । ଅନିୟମିତ ହୋଇଛି ଦିନଚର୍ଯ୍ୟା । ତା ସହିତ ସୃଷ୍ଟି ହୋଇଛି ଅନିଦ୍ରାର ସମସ୍ୟା । ମଣିଷ ଆଜି ଟିକେ ସୁଖନିଦ୍ରା ପାଇଁ ହେଉଛି ଛଟପଟ । ତେବେ ଯଦି ବାସ୍ତୁଶାସ୍ତ୍ର ଅନୁଯାୟୀ ବେଡ଼ରୁମ୍ ସଜାଯାଏ ଏହି ସମସ୍ୟାରୁ ପାଇପାରିବେ ନିସ୍ତାର । ବେଡ଼ରୁମ୍‌ରେ ଖଟକୁ ଏମିତି ରଖନ୍ତୁ, ଯଦ୍ୱାରା ଶୋଇବା ସମୟରେ ମୁଣ୍ଡ ସର୍ବଦା ଦକ୍ଷିଣ ଦିଗ ଓ ଗୋଡ଼ ଉତ୍ତର ଦିଗକୁ ରହିବ । କାରଣ ବୈଜ୍ଞାନିକ କାରଣ କହେ, ଉତ୍ତର ଦିଗ ହେଉଛି ଚୁମ୍ବକତ୍ୱ ଦିଗ । ଏହି ଦିଗକୁ ମୁଣ୍ଡକରି ଶୋଇଲେ ରାତି ସାରା ଚୁମ୍ବକତ୍ୱର ପ୍ରଭାବ ମୁଣ୍ଡ ଉପରେ ପଡ଼ିଥାଏ । ବିଶେଷକରି ରକ୍ତରେ ଥିବା ଲୌହାଂଶ ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ଫଳରେ ମୁଣ୍ଡ ଟାଣିହେବା ପ୍ରତି ଲାଗିବା ସହ ସକାଳେ ଉଠିବା ପରେ ମୁଣ୍ଡ ଭାରି ଭାରି ଲାଗେ । ଏତଦ୍‌ବ୍ୟତୀତ ଆପଣ ମୁଣ୍ଡକୁ ପୂର୍ବ କିମ୍ବା ପଶ୍ଚିମ ଦିଗକୁ ବି ରଖି ଶୋଇପାରିବେ । ଖଟର ମୁଣ୍ଡ ପଟେ କାନ୍ଥ ରହିବା ଭଲ, କୌଣସି ଝରକା କିମ୍ବା କବାଟ ରହିବା ଭଲ ନୁହେଁ । କାରଣ କବାଟ କି ଝରକା ଥିଲେ ମନରେ ଅସୁରକ୍ଷିତ ଭାବ ଉତ୍ପନ୍ନ ହୋଇଥାଏ ।

ବେଡ଼ରୁମ୍‌ରେ କୌଣସି ଦର୍ପଣ ରହିବା ମଧ୍ୟ ଭଲ ନୁହେଁ । ଯଦି ଦର୍ପଣ ଥାଏ ତାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିଦିଅନ୍ତୁ କିମ୍ବ ରାତିରେ ଏହାକୁ କପଡ଼ାରେ ଢ଼ାଙ୍କି ଦିଅନ୍ତୁ । କାରଣ ରାତିରେ ଦର୍ପଣକୁ ଦେଖିଲେ ରୁମ୍‌ରେ ଆଉ କେହି ଥିବା ପରି ମନେହୋଇଥାଏ । ଏହାଦ୍ୱାରା ବ୍ୟକ୍ତିଙ୍କ ଶରୀରର ଉର୍ଜା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଏଥିସହିତ ବେଡ଼୍‌ରୁମ୍‌ରେ କୌଣସି ବଡ଼ ଜଳପାତ୍ର, ଆକ୍ୱାରିୟମ୍ ରଖନ୍ତୁ ନାହିଁ । କାରଣ ଏହା ବେଡ଼ରୁମ୍‌ର ଶାନ୍ତ ପରିବେଶରେ ବ୍ୟାଘାତ ସୃଷ୍ଟି କରିଥାଏ ।

ଘର ସଜାଇବାବେଳେ ଏମିତି କିଛି ଫଟୋ କାନ୍ଥରେ ଲଗାନ୍ତୁ ନାହିଁ ଯାହା ଦୁଃଖ ଓ ଯନ୍ତ୍ରଣାର ଭାବକୁ ବ୍ୟକ୍ତ କରୁଥିବ । ଏହା ବଦଳରେ ଆପଣ ଭଲପାଇବା, ସ୍ନେହ, ପ୍ରେମ, ନିଜସ୍ୱ ପଣର ପ୍ରତୀକ ଥିବା ପେଣ୍ଟିଂ ଲଗାନ୍ତୁ । ଏଥିସହିତ ଧ୍ୟାନ ଦେବା ଜରୁରୀ ଯେ, ବେଡ଼୍‌ରୁମ୍ କାନ୍ଥକୁ ଅନେକଗୁଡ଼ିଏ ପେଣ୍ଟିଂ, ଶୋ'ପିସ୍ ଆଦିରେ ସଜାଇ ଭର୍ତ୍ତି କରନ୍ତୁ ନାହିଁ । ବେଡ଼ରୁମ୍ କାନ୍ଥରେ ଉତ୍ତେଜିତ ରଙ୍ଗ ଯେମିତିକି ଗାଢ଼ ଲାଲ, ଗାଢ଼ ସବୁଜ ରଙ୍ଗରେ ପେଣ୍ଟ କରନ୍ତୁ ନାହିଁ । ବରଂ ହାଲ୍‌କା ହଳଦିଆ, ଆଇଭରି ଅଫ୍ ହ୍ୱାଇଟ, ଲାଇଟ ପିଙ୍କ ଭଳି ରଙ୍ଗରେ ପେଣ୍ଟ କରନ୍ତୁ । ଆଉ ଛାତକୁ ସବୁବେଳେ ଧଳା ରଙ୍ଗରେ ପେଣ୍ଟ କରନ୍ତୁ । ଯଦି ଚାହାନ୍ତି ଛାତର ବର୍ଡ଼ରରେ କାନ୍ଥ ସହ ମ୍ୟାଚିଂ କରି କିମ୍ବା କଣ୍ଟ୍ରାଷ୍ଟ କଲର୍‌ର ପେଣ୍ଟ ଲଗାଇପାରିବେ । ବେଡ଼ରୁମ୍‌ରେ ଅଧିକ ଗାଢ଼ ଓ ଏକରୁ ଅଧିକ ରଙ୍ଗ ବ୍ୟବହାର କଲେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଅଫିସର୍ ରେକର୍ଡ଼, ଫାଇଲ କିମ୍ବା ବ୍ୟବସାୟ ସମ୍ବନ୍ଧିତ କାଗଜପତ୍ରକୁ ରଖନ୍ତୁ ନାହିଁ । କାରଣ ଅଫିସ୍‌ର କାଗଜପତ୍ର ଦେଖିଲେ ବାକି ଥିବା କାମ ମନେପଡ଼େ ଓ ଦିନ ସାରା କରିଥିବା ପରିଶ୍ରମ ମାନସପଟରେ ଭାସିଉଠେ ।

ବେଡ଼୍‌ରୁମ୍‌ର ଶେଲ୍ଫ, ଆଲଣା, ଆଲମିରାରେ ଜିନିଷ ଲଦି ରଖନ୍ତୁ ନାହିଁ । କାରଣ ଏହାଦ୍ୱାରା ବେଡ଼ରୁମ୍‌ର ଆଭ୍ୟନ୍ତରୀଣ ବାତାବରଣ ଭାରି ତଥା ଅଣନିଃଶ୍ୱାସୀ ଲାଗେ । ଅଗ୍ନିର କାରକ ତତ୍ତ୍ୱ ଯେମିତି କି ଟିଭି, ଅଧିକ ଉଜ୍ଜ୍ୱଳ ଲାଇଟ, ରେଫ୍ରିଜେଟର, ହିଟର୍ ବି ରଖନ୍ତୁ ନାହିଁ । ବାୟୁତତ୍ତ୍ୱରେ ବି ସୀମା ରହିବା ଜରୁରୀ, ଯେମିତିକି ବହୁତ ବଡ଼ ବଡ଼ ଝରକା, କବାଟ, ସ୍କାଇଲାଇଟ ରହିବା ଉଚିତ ନୁହେଁ । ଏଥିସହିତ ଖୁବ୍ ଜୋରରେ ବୁଲୁଥିବା ଫ୍ୟାନ୍, କୁଲର୍ ବି ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ । କାରଣ ଏହାଦ୍ୱାରା ରୁମ୍ ଭିତରେ ଅସ୍ଥିରତା ବଢ଼ିଥାଏ । ବେଡ଼ରୁମ୍‌ର ଫର୍ଣ୍ଣିଚର ସବୁ କାଠର ହେବା ଜରୁରୀ । କାରଣ ଏହା ଶରୀରର ଉର୍ଜାକୁ ବଜାୟ ରଖିଥାଏ । ଧାତୁ କିମ୍ବା ଅନ୍ୟ କୌଣସି ବସ୍ତୁରେ ତିଆରି ଆସବାପତ୍ର ଶରୀରର ଉର୍ଜାକୁ ନିଷ୍କ୍ରିୟ କରିପାରେ ।

ବେଡ଼ରୁମ୍‌ଟି ପ୍ରତି ଘରର ଏକ ଗୁରୁତ୍ୱପୂର୍ଣ୍ଣ କୋଠରୀ । ବେଡ଼ରୁମରେ ବିଶେଷକରି ଟିଭି ରଖନ୍ତୁ ନାହିଁ କିମ୍ବା ଠାକୁର ଘର କରି ବେଡ଼ରୁମକୁ ସଜାନ୍ତୁ ନାହିଁ । ସେହିପରି ବେଡ଼ ରୁମରେ ଖାଦ୍ୟ ପଦାର୍ଥ ନଖାଇବା ସବୁଠାରୁ ଭଲ । ବିଶେଷକରି କୌଣସି ପରିସ୍ଥିତିରେ ଏହି ରୁମରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ । ଏହି ରୁମ ଭିତରକୁ ଯେପରି ମୁକ୍ତ ପବନ ଆସିବ ସେ ଦିଗକୁ ଦେଖନ୍ତୁ ଏବଂ କୋଠରୀଟିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଆପଣଙ୍କ ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ସକାରାତ୍ମକ ଭାବନା ବେଡ଼ରୁମର ବାସ୍ତୁଦିଗକୁ ଆହୁରି ଗୁରୁତ୍ୱମୟ ଓ ଆନନ୍ଦମୟ ଗଢ଼ି ତୋଳିବ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପିଲା ଝଗଡ଼ା କରୁଥିଲେ

**ଡକ୍ଟର ସୁରେଶ କୁମାର ନାୟକ**

ଝଗଡ଼ା କରିବା ସାଧାରଣତଃ ପିଲାଙ୍କର ଏକ ସ୍ୱଭାବ । ଅଧିକାଂଶ ସମୟରେ ଦେଖାଯାଏ ପିଲା ବାହାରେ ଝଗଡ଼ା କରି କାହାଠାରୁ ମାଡ଼ ଖାଇ କିମ୍ବା କାହାକୁ ମାଡ଼ ଦେଇ ଘରକୁ ଫେରେ । କେତେକ ଅଭିଭାବକ ଖୁସି ହୋଇଯାଆନ୍ତି ଯେ ଆମ ପିଲା ମାଡ଼ ଖାଇନି ଏବଂ ମାଡ଼ ଦେଇଛି । ଦରକାର ପଡ଼ିଲେ ଏଥିପାଇଁ ସାବାସ୍ କହିବାକୁ ମଧ୍ୟ ପଛାନ୍ତି ନାହିଁ । କିନ୍ତୁ ଯଦି ପିଲାଟି ମାଡ଼ ଖାଇକି ଫେରେ। ତାକୁ ଗାଳି ପରେ ଗାଳି କରି ଚାଲନ୍ତି । ହେଲେ ଏପରି କରିବା ପରିବର୍ତ୍ତେ ପିଲାଙ୍କୁ କିପରି ବୁଝାଇବେ ସେ ସମ୍ପର୍କରେ କେତୋଟି କଥା.....

ଘରେ ଝଗଡ଼ା କରିଥିଲେ : ଘରେ ଯେଉଁ ବୟସର ପିଲା ଥାଆନ୍ତୁ ନା କାହିଁକି ବେଳେ ବେଳେ ଝଗଡ଼ା ହୋଇଯାଏ । ଏହି ପରିସ୍ଥିତିରେ ଜଣେ ଭଲ ଅଭିଭାବକ ଭାବେ ଆପଣଙ୍କ ଦାୟିତ୍ୱ ହେଉଛି କାହାର ସପକ୍ଷ ନନେଇ ନିରପେକ୍ଷ ଭାବେ ସମାଧାନ କରନ୍ତୁ । ଦୁଇଜଣଙ୍କୁ ଅଲଗା ଅଲଗା ବୁଝାନ୍ତୁ ଏବଂ ବଡ଼କୁ ସାନର ଆଦର କରିବା ଶିଖାନ୍ତୁ । ଝଗଡ଼ା ବିଷୟରେ ବାହାରେ କୁହନ୍ତୁ ନାହିଁ । କାରଣ ପିଲାଙ୍କୁ ଖରାପ ଲାଗିପାରେ ।

ବାହାରେ ଝଗଡ଼ା କରିଥିଲେ : ଯଦି ଆପଣଙ୍କ ପିଲା ବାହାରେ ଝଗଡ଼ା କରିଥାଏ ତେବେ ଆଦୌ ଖୁସି କିମ୍ବା ବିରକ୍ତି ହୁଅନ୍ତୁ ନାହିଁ । ଏ ସମ୍ପର୍କରେ ସାଙ୍ଗେ ସାଙ୍ଗେ ଅନ୍ୟ ଅଭିଭାବକଙ୍କ ପାଖରେ ଅଭିଯୋଗ କରନ୍ତୁ ନାହିଁ । ଅନ୍ୟ କେହି ଅଭିଯୋଗ କରୁଥିଲେ ଧ୍ୟାନରେ ଶୁଣନ୍ତୁ । କାରଣ ପିଲା ଝଗଡ଼ା କରିବା ପରେ ପୁଣି ଏକାଠି ହୋଇଯିବେ ଏଥିପାଇଁ ଆପଣ ନିଜ ପାଖ ପଡ଼ୋଶୀଙ୍କ ସହିତ ଅପ୍ରିୟ ହୁଅନ୍ତୁ ନାହିଁ ।

ପିଲାକୁ ବୁଝାନ୍ତୁ : ଯଦି ଆପଣଙ୍କ ପାଖକୁ ବାରମ୍ବାର ପିଲାର ଅଭିଯୋଗ ଆସୁଥାଏ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ମାଡ଼ଗାଳି ଦିଅନ୍ତୁ ନାହିଁ । ନିଜର ବ୍ୟସ୍ତତା ତାକୁ ଜଣାଇବା ପରିବର୍ତ୍ତେ ଭଲ ଭାବେ ବୁଝାନ୍ତୁ ଯେ, ଝଗଡ଼ା କରୁଥିବା ପିଲା ସହିତ କେହି ସାଙ୍ଗ ହେବାକୁ ଭଲ ପାଆନ୍ତି ନାହିଁ । ଯଦି ସେ ଏହି ପରି ଝଗଡ଼ା କରିବ ତେବେ ତାକୁ କେହି ସାଙ୍ଗ କରିବେ ନାହିଁ ।

ତଥାପି ନ ବୁଝିଲେ : ପ୍ରଥମଥର ନବୁଝିଲେ ତାକୁ ସ୍ନେହରେ ବୁଝାନ୍ତୁ । ଏପରି କରିବା ଦ୍ୱାରା ଯଦି ସେ ନ ବୁଝେ ଆପଣ ଟିକେ ଶକ୍ତ ହୁଅନ୍ତୁ । ତଥାପି ଯଦି ଅବୁଝା ହୁଏ ତେବେ ତାକୁ ଶାସ୍ତି ଦିଅନ୍ତୁ । କିନ୍ତୁ ମନେରଖିବେ ଏହି ଶାସ୍ତି ଯେପରି ମାଡ଼ ନହୁଏ । ଆପଣ କିଛି ସମୟ ପାଇଁ ତା ମନ ପସନ୍ଦ କାର୍ଟୁନ ଶୋ ବନ୍ଦ କରି ଦିଅନ୍ତୁ କିମ୍ବା କିଛି ଦିନ ତାର ମନ ପସନ୍ଦ ଜିନିଷ ଖାଇବାକୁ ଦିଅନ୍ତୁ ନାହିଁ । ଦରକାର ପଡ଼ିଲେ କିଛିଦିନ ତାକୁ ବାହାରକୁ ଖେଳିବାକୁ ମଧ୍ୟ ଛାଡ଼ନ୍ତୁ ନାହିଁ ।

ଆପଣ ଆଦୌ ଭୁଲ ଚିନ୍ତାରେ ଯାଆନ୍ତୁ ନାହିଁ ଯେ ପିଲାଟିର ଝଗଡ଼ା ଅର୍ଥ ତାର ମାନସିକ ଭାବେ ସମ୍ଭବତଃ କୌଣସି ସମସ୍ୟାକୁ ନେଇ ସେ ତା ଆଚରଣରେ ଏହାକୁ ପ୍ରଦର୍ଶିତ କରୁଛି । ପିଲାମାନେ ଉତ୍ତେଜିତ ହେବା ଏପରି ବୟସରେ ଆଦୌ ଏକ ଭଲ ଲକ୍ଷଣ ନୁହେଁ । ପିଲାଟିର ଶାରୀରିକ ଓ ମାନସିକ ବିକାଶ ସହିତ ବୌଦ୍ଧିକ ବିକାଶ ମଧ୍ୟ ଅଗ୍ରଗତି କରୁଛି ସେ ଦିଗକୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ । ପିଲାଟିକୁ ଆଧ୍ୟାତ୍ମିକ ଭାବ ସମ୍ପନ୍ନ କରନ୍ତୁ । ଆପଣ ଯେ କୌଣସି ଦେବାଦେବୀ, ଠାକୁର ବା ଆଧ୍ୟାତ୍ମିକ ଗୁରୁଙ୍କ ଶରଣାପନ୍ନ ହୁଅନ୍ତୁ ନା କାହିଁକି ପିଲାଟିକୁ କିନ୍ତୁ ଏହିପରି ବୟସରେ ଆଧ୍ୟାତ୍ମିକ ଓ ଆନନ୍ଦମୟ ଜୀବନ ବିତାଇବା ପାଇଁ ଶିକ୍ଷାଟି ଦିଅନ୍ତୁ । ପିଲାଟି ଭିତରେ ମାନବୀୟ ମୂଲ୍ୟବୋଧ ଓ ସମସ୍ତଙ୍କୁ ଭଲ ପାଇବା ଏହିପରି ଦିଗ ଗୁଡ଼ିକୁ ଶିକ୍ଷା ଦିଅନ୍ତୁ । କୌଣସି ପରିସ୍ଥିତିରେ ଆପଣଙ୍କର ଆଭିଜାତ୍ୟ, ଅର୍ଥ, ପ୍ରତିପତ୍ତି, କ୍ଷମତା ବା ବାହୁବଳ ଯେ ଦୁନିଆର ସର୍ବୋଚ୍ଚ ଶକ୍ତି ଏ ଶିକ୍ଷା ଯେପରି ପିଲାଟି ଉପରେ ନପଡ଼େ ସେ ଦିଗକୁ ଭୁଲି ଯାଆନ୍ତୁ ନାହିଁ । ପିଲାମାନେ ହେଉଛନ୍ତି ଆମ ସୃଷ୍ଟିର ଶ୍ରେଷ୍ଠ ସର୍ଜନା । ମନେପଡୁଛି କୁନ୍ତଳାକୁମାରୀ ସାବତଙ୍କ ସେହି ସ୍ମରଣୀୟ ଧାଡ଼ିଟି – 'ଆହା କି ସୁନ୍ଦର ଶିଶୁ ଭାବନା ବିହୀନ, ସୁଧାରସ ସିକ୍ତ ତବ ଏ ନବ ଜୀବନ, ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ, ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ । ନୈରାଶ୍ୟ ବିଷମ ବିଷେ ନୋହୁଛୁ ଜର୍ଜର ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ? ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଂକାର, ଉଚ୍ଚପଦ ଅଭିଳାଷ ନାହିଁ ତୋ ଦୁର୍ବାର ।'

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
ର-ଙ୍କବସକ୍ଷ : ଶ୍ୱ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଙ୍କ

## କପିଳାଭଟାରେ ଷୋହଲ ପ୍ରହରୀ ନାମଯଜ୍ଞ ପାଇଁ ନୂତନ ପରିଚାଳନା କମିଟି ଗଠିତ

ବଙ୍ଗୋମୁଣ୍ଡା: ବଲଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ବରଗଛ ପଡା ରେ ପ୍ରତିବର୍ଷ ଚଳିତ ବର୍ଷ ମଧ ଶ୍ରୀ ଶ୍ରୀ ଷୋହଲ ପ୍ରହରୀ ନାମଯଜ୍ଞ ପାଇଁ ନୂତନ ପରିଚାଳନା କମିଟୀ ୨୦୨୫ ଗଠିତ ହୋଇଯାଇଛି ।ଏଥିରେ ଭୂରିଶ୍ରବା ବିଶି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଜୟନ୍ତିଲାଲ ହଂସ,ଉପସଭାପତି ଯୋଗିଚନ୍ଦ୍ର ବିଶ.କର୍ଣ୍ଣ ହଂସ,ସମ୍ପାଦକ ଜିତାମିତ୍ର ବିଶ.ସହ ସମ୍ପାଦକ ଯୋଗିନ୍ଦ୍ର ହଂସ, ସୁରେଶ ହଂସ,କୋଷାଧ୍ୟକ୍ଷ ଜିତେନ୍ଦ୍ର ହଂସ,ଉପ କୋଷାଧ୍ୟକ୍ଷ ସୁନିଲ କୁମାର ହଂସ,ରୋଶନ ବିଶି ପ୍ରମୁଖ ମନୋନୀତ ହୋଇଥିଲେ। ।କର୍ତ୍ତା ନିଳମଣୀ ବିଶି ଓ ତାଙ୍କ ସହଧର୍ମିଣୀ ଶୁଶିଳା ବିଶି ଙ୍କୁ କରାଯାଇଛି ।ଏହି ବୈଠକ ରେ ପୂର୍ବ ସଭାପତି ଲୋକନାଥ ହଂସ,ପୂର୍ବ ସହ ସମ୍ପାଦକ ହୁଲେଶ୍ବର ହଂସ,ପୂର୍ବ କୋଷାଧ୍ୟକ୍ଷ ନରଫଲ ହଂସ,ଉପ କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବିଶି ଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମତ ରଖିଥିଲେ । ଆସନ୍ତା ୧୦ ମଇ ୨୦୨୫ ରେ ଅଧିବାସ ଥିବା ବେଳେ ୧୩ ମଇ ୨୦୨୫ ଦିନ ପୂର୍ଣ୍ଣାହୂତୀ ହେବ ବୋଲି ଆୟୋଜକ କମିଟୀ ପକ୍ଷରୁ ସୂଚନା ମିଳିଛି । ପ୍ରସିଦ୍ଧ ନାମଯଜ୍ଞ ଗାୟିକା ରଞ୍ଜିତା ହଂସ ତାଙ୍କ ଦଳ ସହ ଯୋଗ ଦେବେ ବୋଲି ଜଣାପଡିଛି ।

## ଆଜି ହେଉଛି ବିଶ୍ୱ ପଖାଳ ଦିବସ ରଙ୍ଗ ତୂଳୀରେ ପଖାଳ ଦିବସର ଶୁଭେଚ୍ଛା

ଭୁବନେଶ୍ୱର: ବିଶ୍ୱ ପଖାଳ ଦିବସ ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ପଖାଳ ଦିବସ ରୂପେ ପାଳନ କରାଯାଇଥାଏ । ପଖାଳ ହେଉଛି ଓଡ଼ିଆ ଜାତି ଭାଇର ଆତ୍ମା ଓ ଅସ୍ମିତା । ଏହି ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଚିତ୍ରକଳା ମାଧ୍ୟମରେ ପଖାଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି । ରଙ୍ଗ ତୂଳୀରେ ପଖାଳ, ମାଛଭଜା, ବଡ଼ି ଭଜା, ବାଇଗଣପୋଡ଼ା, କାକୁଡ଼ି, ଆଳୁଭରତା, ସଜନା ଛୁଇଁ ଭଜନା ଆଦି ସୁସ୍ୱାଦୁ ଖାଦ୍ୟର ଅବିକଳ ପ୍ରତିଛବି ଆଙ୍କିଛନ୍ତି ଶାନ୍ତନୁ । ପ୍ରତ୍ୟେକ ଓଡ଼ିଆ ଏହାକୁ ପାଳନ କରିବାକୁ ସେ ଚିତ୍ର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି ।



## ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠ ନାଥ ନାୟକଙ୍କ ପରଲୋକ

ପିପିଲି – ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠ ନାଥ ନାୟକଙ୍କ ପରଲୋକ ଘଟିଛି । ପିପିଲି ମାଧିପୁର ସ୍ଥିତ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିବା ବେଳେ ମୃତ୍ୟୁ ବେଳକୁ ବୈକୁଣ୍ଠ ନାଥ ନାୟକଙ୍କୁ ୯୬ ବର୍ଷ ହୋଇଥିଲା । ସେ ପିପିଲି ବଜାର ସ୍ଥିତ ପିପିଲି ମିଶନ ୟୁପି ସ୍କୁଲ ରେ ୪୦ବର୍ଷ ଶିକ୍ଷକତା କରି ସେହିଠାରେ ହିଁ ଅବସର ନେଇଥିଲେ। ପିପିଲି ଅଂଚଳରେ ଜଣେ ଲୋକପ୍ରିୟ ଛାତ୍ର ବତ୍ସଳ, ପରୋପକାରୀ , ଧର୍ମପରାୟଣ, ମେଳାପୀ ଶିକ୍ଷକ ଭାବେ ବୈକୁଣ୍ଠ ନାଥ ବେଶ ପରିଚିତ ଲାଭ କରିଥିଲେ। କିଛି ଦିନ ହେବ ସେ ବୃଦ୍ଧାବସ୍ଥା ପିଡୀତ ଥିବା ବେଳେ ଗତ ୧୧ ତାରିଖ ମଙ୍ଗଳବାର ଦିନ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବୀ ଓ ରାଜନେତା ମାନେ ଶୋକସନ୍ତପ୍ତ ପରିବାରକୁ ଭେଟିଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ତାଙ୍କ ୪ପୁଅ ଓ ବୋହୂ ୨ଝିଅ ଓ ଜ୍ୱାଇଁଙ୍କ ସହ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ବିଭୁତି ଭୁଷଣ ନାୟକ ମୁଖାଗ୍ନି ଦେଇ ଶେଷକୃତ୍ୟ କରିଥିଲେ।

## ଡା ଦେବେନ୍ଦ୍ର ପ୍ରଧାନଙ୍କ ଶେଷକୃତ୍ୟରେ ସାମିଲ ହେଲେ ଅନୁଗୁଳ ଜିଲ୍ଲାର ଜନସାଧାରଣ

ଅନୁଗୁଳ: ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଡାକ୍ତର ଦେବେନ୍ଦ୍ର ପ୍ରଧାନ ଙ୍କର ଶେଷକୃତ୍ୟ ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାର ରେ ସମାପନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ମୋହନ ମାଝି, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବାବା ରାମଦେବ, ଉପ ମୁଖ୍ୟମନ୍ତ୍ରୀ, ସମସ୍ତ ମନ୍ତ୍ରୀ ମଣ୍ଡଳ ର ସଦସ୍ୟ, ବିଭିନ୍ନ ରାଜ୍ୟରୁ ମନ୍ତ୍ରୀ ଓ ପଦାଧିକାରୀ, ବହୁ ସାଂସଦ, ବିଧାୟକ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ସମେତ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ ।ବଡ଼ପୁଅ ସୌମେନ୍ଦ୍ର ପ୍ରଧାନ ମୁଖାଗ୍ନୀ ଦେଇଥିବା ବେଳେ ସାନପୁଅ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ସମେତ ସମସ୍ତ ପରିବାର ବର୍ଗ ଓ ବନ୍ଧୁ କୁଟୁମ୍ବ ଉପସ୍ଥିତ ଥିଲେ ।ସେହିପରି ଅନୁଗୁଳ ଜିଲ୍ଲା ତାଙ୍କରି ନିଜସ୍ୱ ଅଂଚଳ ହୋଇଥିବାରୁ ନିଜର ଆତ୍ମୀୟ ମଣିଷ କୁ ହରାଇ ଶେଷକୃତ୍ୟ ରେ ସାମିଲ ହେବା ପାଇଁ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ଙ୍କର ସୁଅ ଛୁଟିଥିଲା । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପ୍ରାକ୍ତନ ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସୁଦିପ ଗଡ଼ନାୟକ, ପର୍ଶୁରାମ ବାରିକ ଙ୍କ ସମେତ ବିଜେପି ର ସମସ୍ତ ଜିଲ୍ଲା ପଦାଧିକାରୀ ଶେଷକୃତ୍ୟ ରେ ସାମିଲ ହୋଇଥିଲେ ।



## ମାଙ୍କଡଙ୍କ ପାଇଁ ଦେବଦୂତ ସାଜିଲେ ପୋଷ୍ଟମାଷ୍ଟର





ବଙ୍ଗୋମୁଣ୍ଡା: ଡ଼ହଡ଼ହ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଚଳିତ ବର୍ଷ ଗ୍ରୀଷ୍ମର ପ୍ରକୋପ ମାର୍ଚ୍ଚ ଆରମ୍ଭରୁ ଦେଖାଇଥିବା ବେଳେ ଖରା ତାତି ବୃଦ୍ଧି ପାଉଛି । ଖରା ଯୋଗୁଁ ରାସ୍ତାଘାଟ ପୁରା ଶୁନଶାନ ହୋଇପଡୁଥିବା ବେଳେ ଜନ ଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି ।ମଣିଷ ପଶୁପକ୍ଷୀ,ଜୀବଜନ୍ତୁ ସମସ୍ତେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ।ପଶୁ ପକ୍ଷୀ ମଧ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାସ୍ତାର ପୁଞ୍ଜିପଥର ଜଙ୍ଗଲରେ ରହୁଥିବା ପଶୁପକ୍ଷୀ ଙ୍କ ସହ ମାଙ୍କଡ଼ ମାନେ ପାଣି ପାଇଁ ଡହକ ବିକଳ ହେଉଛନ୍ତି ।ବଲାଙ୍ଗୀର ଜିଲ୍ଲା ଗୋଇମୁଣ୍ଡ ଶାଖା ପୋଷ୍ଟ ମାଷ୍ଟର ଭକ୍ତବନ୍ଧୁ ସାହୁ କଣ୍ଟାବାଞ୍ଜିରୁ ନିଜ ଗାଁ ଅଭିମୁଖେ ଆସୁଥିବା ସମୟରେ ଡଙ୍ଗରବୁଡା ପୁଞ୍ଜିପଥର ମନ୍ଦିର ନିକଟରେ ଆଶ୍ରୟ ନେଇଥିଲେ । ସେ ସମୟରେ ଶ୍ରୀ ସାହୁ ଦେଖିବାକୁ ପାଇଲେ ଯେ,ମାଙ୍କଡପଲ ପାଣି ପାଇଁ ଡହଳବିକଳ ହେଉଥାନ୍ତି । ସେ ପାଖ ମନ୍ଦିର ନିକଟରୁ ଏକ ବାଲଟି ଆଣି ନଳକୂପରୁ ପାଣି ସଂଗ୍ରହ କରି ମାଙ୍କଡ ପଲଙ୍କୁ ଦେଇଥିଲେ । ମାଙ୍କଡ ପଲ ପ୍ରଚୁର ପରିମାଣ ରେ ପାଣି ପିଇ ଜଙ୍ଗଲ କୁ ଚାଲି ଯାଇଥିଲେ । ମାଙ୍କଡ଼ ପଲ ଙ୍କୁ ପାଣି ଦେଇ ଶୋଷ ମେଣ୍ଟାଇ ବାରୁ ନିଜ କୁ ଆତ୍ମ ସନ୍ତୁଷ୍ଟି ଲାଭ କରିଥିବା କହିଛନ୍ତି ପୋଷ୍ଟ ମାଷ୍ଟର ।ବର୍ତ୍ତମାନ ସମୟରେ ଖରା ବଢୁଥିବାରୁ ପଶୁ ପକ୍ଷୀଙ୍କ ପାଇଁ ନିଜ ଘର ଛାତ ଉପରେ ପାଣି ବ୍ୟବସ୍ଥା କରିବାର ଆବଶ୍ୟକତା ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ଜମିଲା ଓଡିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ; ଆତସବାଜି ପ୍ରଦର୍ଶନରେ ପ୍ରକମ୍ପିତ ମେଳଣ ପଡିଆ

ଡେଲାଙ୍ଗ : ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଓଡିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣର ଜମାଣ ଉତ୍ସବ ବୁଧବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି । ପ୍ରଭୁ ଶ୍ରୀ ପଞ୍ଚମାଶମ୍ଭୁ ସୋମନାଥ ଦେବଙ୍କୁ ବ୍ରାହ୍ମଣଙ୍କ ଦ୍ୱାରା ଯଥା ବିଧିମୁତାବକ ରୀତିନିତୀରେ ପୂଜାର୍ଚ୍ଚନା କରାଯାଇ ମନ୍ଦିର ଠାରୁ ମେଳଣ ପଡିଆ ମଣ୍ଡପକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମାନଙ୍କ ଗହଣରେ ପ୍ରଭୁଙ୍କୁ ପାଛୋଟି ନିଆଯାଇଥିଲା। ଏହି ସମୟରେ ପ୍ରଭୁଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାର ଆତସବାଜି ପ୍ରଦର୍ଶନରେ ମେଳଣ ପଡିଆ ପ୍ରକମ୍ପିତ ହୋଇ ଉଠିଥିବା ବେଳେ ଆକାଶ ରଙ୍ଗବେରଙ୍ଗରେ ରଙ୍ଗୀନ ହୋଇଥିଲା । ଏହି ଜମାଣ ଉତ୍ସବ ସାଙ୍ଗକୁ ଆତସବାଜି ପ୍ରଦର୍ଶନ ଦେଖିବା ପାଇଁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମକୁ ଲୋକେମାନେ ମନଭରି ଉପଭୋଗ କରିଥିଲେ । ଠାକୁରଙ୍କ ପୁର୍ବ ରୀତିନିତୀ ଅନୁଯାଇ ପ୍ରସିଦ୍ଧ ଏହି ପଞ୍ଚୁଦୋଳ ମେଳଣର ସ୍ଥାନାଧିପତି ତଥା ହରିରାଜପୁର ଗ୍ରାମର ଆରାଧ ଠାକୁର ପ୍ରଭୁ ଶ୍ରୀପଞ୍ଚମାଶମ୍ଭୁ ସୋମନାଥ ଦେବଙ୍କୁ ରାତି ୧୨ଟା ପରେ ଏକ ସୁସଜ୍ଜିତ ଦୋଳବିମାନରେ ମନ୍ଦିରରୁ ଅଣାଯାଇ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମେଳଣ ମଣ୍ଡପକୁ ନିଆଯାଇଥିଲା । ଏହି ସମୟରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ ସାଙ୍ଗକୁ, ଆଲୋକ ସଜ୍ଜା, ଭଜନ କୀର୍ତ୍ତନ, ଘଣ୍ଟ, ଘଣ୍ଟା, ତୁରୀ, ଶଙ୍ଖନାଦ, କଳଘୋଡା ଓ ଚଇତି ଘୋଡାନାଚ, ପାଇକନୃତ୍ୟ,ଚଢେୟାନୃତ୍ୟ ସହ ଲକ୍ଷାଧିକ ଭକ୍ତଙ୍କ ଉପସ୍ଥିତରେ ସ୍ଥାନାଧିପତି ପ୍ରଭୁ ସୋମନାଥ ମେଳଣ ପଡିଆକୁ ବିଜେ କରିଥିଲେ । ପ୍ରଭୁଙ୍କ ମେଳଣ ମଣ୍ଡପକୁ ବିଜେ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଧ୍ୱନୀରେ ମେଳଣ ପଡିଆ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ଅନ୍ୟ ୪ଟି ଦେବ ବିଗ୍ରହ ଯଥା ପ୍ରଭୁ ଶ୍ରୀସୋମନାଥଦେବ (ବୁଢାପଡା), ପ୍ରଭୁ ଶ୍ରୀଗତିଶ୍ୱରଦେବ (କୁସୁମାଟି ଛଣଘର), ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ(ଭଁସର) ଓ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବ (କନ୍ତିଆ)ଙ୍କ ଚଳନ୍ତି ପ୍ରତିମା ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ୮୪ଟି ଦେବ ବିଗ୍ରହଙ୍କୁ ସୁସଜ୍ଜିତ ଦୋଳବିମାନ ଆସି ମେଳଣ ପଡିଆରେ ବିରାଜମାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ସହ ଏକାଧିକ ମଣ୍ଡପରେ ମେଲୋଡି, ଭଜନ ସମାରୋହ ଓ ଷ୍ଟାର ନାଇଟ୍? ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୁରୀ, ବ୍ରହ୍ମପୁର, ଖୋର୍ଦ୍ଧା, ନୟାଗଡ, କଟକ, ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ବାଣ କାରିଗର ଏଠାରେ ସେମାନଙ୍କର ଅତ୍ୟାଧୁନିକ ଆତସବାଜି ପ୍ରଦର୍ଶନ କରିଥିବା ବେଳେ ଶତାଧିକ ମାନସୀକଧାରୀ ଭକ୍ତଙ୍କ ପକ୍ଷରୁ ମଧ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ଠାକୁରଙ୍କ ଏହି ଜମାଣ ଉତ୍ସବକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ । ବୁଧବାର ରାତିରୁ ରବିବାର ସଂନ୍ଧ୍ୟା ପର୍ଯ୍ୟନ୍ତ ୫ଦିନ ଧରି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦୋଳ ବିମାନରେ ବିଜେ କରିଥିବା ୮୪ ଦେବ ବିଗ୍ରହଙ୍କୁ ଏକାଠି ଦର୍ଶନ କରିବାର ସୌଭାଗ୍ୟ ଲାଭ କରିବା ସହ ମନୋସ୍କାମନା ପୁରଣ ପାଇଁ ଫଗୁ ସିଞ୍ଚନ କରି ଆର୍ଶିବାଦ ଲାଭ କରିବେ । ମେଳଣ ପଡିଆରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ବଜାର ଖୋଲାଯାଇଛି।

## ଗୁଣ୍ଡବନ୍ଧରେ ବିଶ୍ୱ ଘର ଚଟିଆ ଦିବସ ପାଳିତ

କୁକୁଡାଖଣ୍ଡି: ପ୍ରତିବର୍ଷ ମାର୍ଚ୍ଚ ମାସ କୋଡିଏ ତାରିଖକୁ ସାରା ବିଶ୍ୱବ୍ୟାପୀ ଘର ଚଟିଆ ସୁରକ୍ଷା ପାଇଁ ଉତ୍ସର୍ଗ ହୋଇଛି । ଘର ଚଟିଆ ବଂଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି । କୁକୁଡାଖଣ୍ଡି ବ୍ଲକ ଗୁଣ୍ଡବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ବାର ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ଓ ଜଗତସିଂହପୁର ଜିଲ୍ଲର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି, ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି କ୍ଷ ଆଜି ବିଶ୍ୱ ଘର ଚଟିଆ ଦିବସ ଉପଲକ୍ଷେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକର ଅନନ୍ତାଇ ଗ୍ରାମରେ ବିଶ୍ୱ ଘର ଚଟିଆ ଦିବସ ସଭାପତି ସାଗର କୁମାର ପାତ୍ରଙ୍କ




ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ଯୋଗ ଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଓ ଆବଶକ୍ୟତା ବିଷୟରେ ଲୋକଙ୍କୁ ବୁଝାଇ ଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି କାମେଶ୍ୱର ବିଶ୍ୱାଳ, ସମିତିସଭ୍ୟା ନିରୁପମା ପାତ୍ର,ଭାରତୀୟ ଜୀବନ ବୀମା ନିଗମ ସମ୍ପଦ ପ୍ରବନ୍ଧକ ଅଧିକାରୀ ସଞ୍ଜୟ ସାମନ୍ତରାୟ, ସମାଜସେବୀ କିଶୋର ଚନ୍ଦ୍ର ପାତ୍ର ସମାଜସେବୀ ପଦ୍ମନାଭ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ସହକାରୀ ବନ ନିରୀକ୍ଷକଙ୍କ ଉପସ୍ଥିତି ରେ ଗ୍ରାମବାସୀ ମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀ ପଶୁ ଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ଲୋକଙ୍କ ଦୁଆର ମୁହଁରେ କୃତିମ ବସା ସ୍ଥାପନ କରାଯାଇଥିଲା। ସ୍ୱେଚ୍ଛାସେବୀ ସଞ୍ଜୟ ପାତ୍ରଙ୍କ ଉଦ୍ୟମରେ ଗ୍ରାମରେ ପ୍ରବଳ ଗ୍ରୀଷ୍ମ ଦାଉରୁ ପଶୁ ପକ୍ଷୀଙ୍କ ତୃଷ୍ଣା ନିବାରଣ ନିମନ୍ତେ ଜଳ କୁଣ୍ଡ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର,ସଞ୍ଜୟ ପାତ୍ର,ନଳିନୀ କାନ୍ତ ପରିଡା, ପୁରୁଷୋତ୍ତମ ସ୍ୱାଇଁ, ଅର୍ଜୁନ ଗୌଡ଼, ରଞ୍ଜନ ବେହେରା, ଲିଙ୍ଗରାଜ ଅଚାରୀ, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶିବେହେରା ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ରବୀନ୍ଦ୍ର ସାହାଣୀ ଓ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ





ଯାଜପୁର ଜିଲ୍ଲା ମହୋତ୍ସବ ଓ ପଲିଶ୍ରୀ ମେଳା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭାଗନେଇଥିବା ଦେବେଶ୍ୱର କଲଚରାଲ ଏକାଡେମୀ, ଯାଜପୁର ଡିସଟିକ ଆର୍ଟିଷ୍ଟ ୱେଲଫେୟାର ଆସୋସିଏସନ, କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଏଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରମୁଖ ଅନୁଷ୍ଠାନ ଗୁଡିକୁ ଜିଲ୍ଲାପାଳ ପି. ଅନ୍ୱେସା ରେଡି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ଶୁଭେନ୍ଦୁ କୁମାର ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ପ୍ରମୁଖ ଙ୍କୁ ମାନପତ୍ର, କପ ସିଲ ଦେଇ ଅନୁଷ୍ଠାନ ର ମୁଖ୍ୟ ଓ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



## ବିଶ୍ୱ ଘର ଚଟିଆ ଦିବସ ପାଳିତ

ଗଞ୍ଜାମ: ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଘର ଚଟିଆ ଦିବସ ଅମୃତ ଧାରା ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି କ୍ଷ ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଲୁପ୍ତ ପ୍ରାୟ ଘର ଚଟିଆ ଙ୍କ ସୁରକ୍ଷା ଓ ସେମାନଙ୍କ ବଂଶ ବିସ୍ତାର ପାଇଁ ସମସ୍ତେ ଏକତ୍ରିତ ହୋଇ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ କ୍ଷ ଋଷିକୁଲ୍ୟା କଇଁଚ ସୁରକ୍ଷା ସମିତି ସମ୍ପାଦକ ତଥା ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅମୃତଧାରା ଟ୍ରଷ୍ଟ ର ସମ୍ପାଦିକା ଧରିତ୍ରୀ ମହାକୁର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ କ୍ଷ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ବାଳକୃଷ୍ଣ ମହାରଣା, କୁନ୍ତଳିନି ମହାକୁର, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନା ରାଣୀ ବେହେରା ପ୍ରମୁଖ ଙ୍କ ସମେତ ଅନ୍ୟମାନେ ସଂମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ନିରୀହ ଜୀବ ଘରଚଟିଆ ର ସୁରକ୍ଷା ନେଇ ଜନ ସଚେତନତା ସୃଷ୍ଟି ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ଅତିରିକ୍ତ ଶିକ୍ଷକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଅବସରରେ ଗ୍ରାମରେ ସଚେତନତା ପାଇଁ ପ୍ଲା କାର୍ଡ ଓ ବସା ଧରି ଗ୍ରାମ୍ୟ ପରିକ୍ରମା କରାଯିବା ସହିତ ଘର ଚଟିଆ ମାନଙ୍କ ପାଇଁ କୃତିମ ବସା ଗ୍ରାମବାସୀ ଙ୍କୁ ବଣ୍ଟନ କରାଯାଇ ପ୍ରତ୍ୟେକ ଦ୍ୱାର ମାନଙ୍କରେ ଲଗାଯାଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମ୍ୟ ଭଦ୍ର ମହିଳା, ଭଦ୍ର ବ୍ୟକ୍ତି ଓ ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ।




## ଲକ୍ଷ୍ମୀ ବସ୍ କଣ୍ଡକ୍ଟରଙ୍କୁ ନିସ୍ତୁକ ମାଡ ଅଭିଯୋଗ, ୨ ଗିରଫ

ବୁଗୁଡା : ବୁଗୁଡ଼ାରୁ ଭାୟା ଅନ୍ତରପଡା ଦେଇ ଅରଖପୁର ଗାଁକୁ ଯାଉଥିବା ସରକାରୀ ଲକ୍ଷ୍ମୀ ବସର କଣ୍ଡକ୍ଟରଙ୍କୁ ନିସ୍ତୁକ ମାଡ ମାରିବା ଅଭିଯୋଗରେ ଗିରଫ ୨ ଜଣ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଗିରଫ ୨ ଜଣ ହେଲେ ମହୁଲପଲ୍ଲୀ ଗ୍ରାମର ଯୋଗି ନାଇକଙ୍କ ଦୁଇ ପୁଅ ଗଣେଶ ନାଇକ (୨୩) ଓ ସିକେନ୍ଦ୍ର ନାଇକ (୨୦) ଏବଂ ସେମାନଙ୍କ ମାଡରେ ଆହତ କଣ୍ଡକ୍ଟର ଜଣକ ଡାକରାବାଡି ଗ୍ରାମର ପବିତ୍ର ଗୌଡ (୩୨)। ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୧୮୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଯେ, ଗତ ୧୮ ତାରିଖ ଅପରାହ୍ନରେ ଅନେକ ଯାତ୍ରୀଙ୍କୁ ଧରି ଲକ୍ଷ୍ମୀ ବସ୍ ଅରଖପୁର ଗାଁରୁ ଫେରୁଥିବା ବେଳେ ଗଣେଶ ଓ ସିକେନ୍ଦ୍ର ଗାଡିକୁ ଚଢିଥିଲେ । କଣ୍ଡକ୍ଟର ସେମାନଙ୍କୁ କୁଆଡେ ଯିବ ବୋଲି ପଚାରିବା କ୍ଷଣି




ମଦ ନିଶାରେ ମାତାଲ ଥିବା ସିକେନ୍ଦ୍ର ହଠାତ୍ ଉତକ୍ଷିପ୍ତ ହୋଇ କଣ୍ଡକ୍ଟରଙ୍କ ବେକକୁ ଧରି ବାରମ୍ବାର ଚାପୁଡା ମାରିବାକୁ ଲାଗିଲା। ଏ ସମୟରେ ଗଣେଶ କଣ୍ଡକ୍ଟରଙ୍କଠୁ ଟିକେଟିଂ ମେସିନଟି ଛଡାଇ ନେଇ ଫୋପାଡି ଦେଲା।। ତା'ପରେ ଜଣେ କଣ୍ଡକ୍ଟରଙ୍କୁ ତଳେ ପକାଇ ଛାତି ଉପରେ ବସି ଗାଳିଗୁଲଜ ସହ ମାଡ ମାରୁଥିବା ବେଳେ ଅନ୍ୟ ଜଣକ ଲାତ ମାରୁଥିଲା। ବିକଳରେ କଣ୍ଡକ୍ଟର ଜଣକ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଗାଡିର ଯାତ୍ରୀମାନେ ତାଙ୍କୁ ସେହି ଦୁଇ ଭାଇଙ୍କ ଆକ୍ରମଣରୁ ଉଦ୍ଧାର କରିଥିଲେ। ସେଠାରୁ ଫେରି ଆହତ କଣ୍ଡକ୍ଟର ଜଣକ ବୁଗୁଡା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଏ ନେଇ ୧୯ ତାରିଖ ଦିନ ଥାନାରେ ପବିତ୍ରଙ୍କ ଅଭିଯୋଗ କ୍ରମେ ୨୦ ତାରିଖ ଦିନ ଅଭିଯୁକ୍ତ ଦୁଇ ଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ବ୍ରହ୍ମପୁର ମହାନଗର ଦଣ୍ଡନାଚ ମହାସଂଘ ପକ୍ଷରୁ ସାଙ୍ଗଠନିକ ବୈଠକ

ବ୍ରହ୍ମପୁର,(ନି.ପ୍ର.): ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ଗେଟ୍ ବଜାର ରୋଡ ଠାରେ ଥିବା ଅଭିରାମ ମଠ ପରିସରରେ ବ୍ରହ୍ମପୁର ମହାନଗର ଦଣ୍ଡନାଚ ମହାସଂଘ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ମହାନଗର ସଭାପତି ଦେବୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ ମହାସଂଘର ସଭାପତି ଶିବରାମ ପ୍ରଧାନ, ସମ୍ପାଦକ ସରୋଜ ଚନ୍ଦ୍ର ସାହୁ, ଉପଦେଷ୍ଟା ଦେବେନ୍ଦ୍ର ପ୍ରସାଦ ଶର୍ମା, ପାଣିଗ୍ରାହୀପେଣ୍ଠ ଦଣ୍ଡକାଳୀ ମନ୍ଦିର ସଭାପତି ଦଣ୍ଡପାଣି ସାହୁ, ବିଜିପୁର ଦଣ୍ଡକାଳୀ ମନ୍ଦିର ଅଧିକାରୀ ପି.ନାନି ରାଓ, ପାତାଳେଶ୍ୱରର ତାରିଣୀ ନାୟକ, ନୂଆ ବସ୍‌ଷ୍ଟାଣ୍ଡର ଆନନ୍ଦ ଶରଣୀ, ଗୋକର୍ଣ୍ଣେଶ୍ୱର ମାଁ ଶ୍ୟାମା ଦଣ୍ଡକାଳୀ ମନ୍ଦିରର ମୁଖ୍ୟ ପୂଜକ ତାରିଣୀ ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଚଳିତ ବର୍ଷ ଦଣ୍ଡଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ନକରାଯାଇ କେବଳ ସାମାଜିକ ନାଟକ ପ୍ରଦର୍ଶନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହାସହ ଆସନ୍ତା ୨୦୨୬ ମସିହା ଠାରୁ ସାମାଜିକ ନାଟକ, ରେକର୍ଡ୍ ଡ୍ୟାନ୍ସ ନାରୀ ଅଭିନେତ୍ରୀ ମାନଙ୍କୁ ମଞ୍ଚର ଅଙ୍ଗ ପ୍ରଦର୍ଶନ ନକରିବା ସହ ଧୂଳିଦଣ୍ଡରେ ଅଶ୍ଳୀଳ ଭାଷା ପ୍ରୟୋଗ ନ କରିବା ନେଇ ଉକ୍ତ ବୈଠକରେ ସମସ୍ତ ଅନୁଷ୍ଠାନର ସଦସ୍ୟ ମାନଙ୍କ ସହମତି କ୍ରମେ ବ୍ରହ୍ମପୁର ମହାନଗର ଦଣ୍ଡନାଚ ମହାସଂଘ ପକ୍ଷରୁ ଏଠାରେ କଠୋର ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଗଞ୍ଜାମ ଓ ବ୍ରହ୍ମପୁର ମହାନଗର ଦଣ୍ଡନାଚ ମହାସଂଘ ଶାଖା ଉପଦେଷ୍ଟା ସୁରେନ୍ଦ୍ର କୁମାର ସେନାପତିଙ୍କ ସମେତ ନୂଆ ବସ୍‌ଷ୍ଟାଣ୍ଡ ଦଣ୍ଡକାଳୀ ମନ୍ଦିରର ପରିଚାଳନା କମିଟିର ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ, ଏହି ସଂଘର୍ଷ ହିଁ ଦିନେ ସଫଳ କରାଇବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ସେଠାରେ ଆନନ୍ଦପୁର ମହାବିଦ୍ୟାଳୟର ୬୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଆନନ୍ଦପୁର ଉପଖଣ୍ଡ ପାଇଁ ପ୍ରାୟ ୪୨ କୋଟି ଟଙ୍କାର ୧୬ ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିବା ବେଳେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରାୟ ୧୧୮ କୋଟି ଟଙ୍କା ବ୍ୟୟରେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆନନ୍ଦପୁର ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ମଲ୍ଟି ପର୍ପୋଜ ହଲ ନିର୍ମାଣ, ସେମିନାର ହଲ ନିର୍ମାଣ, ଖେଳପଡିଆର ଉନ୍ନତିକରଣ ନିମନ୍ତେ ୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏହାକୁ ସ୍ୱାୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଆନନ୍ଦପୁର ଠାରେ ଷ୍ଟାଡିଅମର ପୂର୍ଣ୍ଣାଙ୍ଗ କଳେବର ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ସହାୟକ ଘୋଷଣା କରିଛନ୍ତି।ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆନନ୍ଦପୁର ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନନ୍ୟ। ପ୍ରତିବର୍ଷ ଏହି ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପରୀକ୍ଷାଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରତିଭାବାନ ଛାତ୍ରଛାତ୍ରୀମାନେ ଶୀର୍ଷତମ ସ୍ଥାନ ଅଧିକାର କରି ଏହି ଅନୁଷ୍ଠାନର ଗାରିମାକୁ ବହୁଗୁଣିତ କରିଛନ୍ତି। ଏପରି ଏକ ମହାନ






ଅନୁଷ୍ଠାନରେ ମୁଁ ଅଧ୍ୟୟନ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ମହାବିଦ୍ୟାଳୟରେ ପଢୁଥିବା ସମୟର ସ୍ମୃତିକୁ ମନେ ପକାଇଥିଲେ। ନିଜ ପୁରାତନ ଶିକ୍ଷକ ଓ ବନ୍ଧୁ ମାନଙ୍କ ବିଷୟରେ କହି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ନିଜ ଉଦବୋଧନରେ ମୁଖ୍ୟମନ୍ତ୍ରୀ ୧୯୮୭ ମସିହାରେ + ୨ ବିଜ୍ଞାନ ପଢୁଥିବା ସମୟର ଅନେକ ଘଟଣାକୁ ମନେ ପକାଇବା ସହିତ ବରିଷ୍ଠ ବନ୍ଧୁ ମାନଙ୍କ ସାହାଯ୍ୟ ବିଷୟରେ କହିଥିଲେ। ଛାତ୍ର ଜୀବନ ସର୍ବଦା ସଂଘର୍ଷମୟ, ଏହି ସଂଘର୍ଷ ହିଁ ତୁମ ମାନଙ୍କୁ ଦିନେ ସଫଳ କରାଇବ। ନିଜ ପରିଶ୍ରମ ଉପରେ ଦୃଢ଼ ବିଶ୍ୱାସ ଏବଂ ନିଜ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦ ହିଁ ତୁମ ମାନଙ୍କୁ ତୁମ ମାନଙ୍କ ଲକ୍ଷ୍ୟସ୍ଥଳରେ ପହଂଚାଇବ, ବୋଲି ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ। ଆଜିର ଛାତ୍ରଛାତ୍ରୀ କାଲିର ଭବିଷ୍ୟତ । ବର୍ତ୍ତମାନ ଶିକ୍ଷା ଏକ ବଡ ସମସ୍ୟା ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଗୁଣାତ୍ମକ ଶିକ୍ଷା। ଯୁବବର୍ଗଙ୍କୁ ଉତ୍ତମ ଶିକ୍ଷା ପରିବେଶ ଜରିଆରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଦକ୍ଷତା ବିକାଶ କରି ସେମାନଙ୍କୁ ଭାରତର ବିକାଶଧାରାରେ ସାମିଲ କରିବା ଲକ୍ଷ୍ୟରେ ଆମେ ନୂତନ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରିଛୁ । ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ଏବଂ ଉପାଦେୟ ଶିକ୍ଷା ବ୍ୟବସ୍ଥା ପ୍ରଦାନ କରି ଯୋଗ୍ୟ କରିବା ଲକ୍ଷ୍ୟ ହେଉଛି ଏହି ନୂତନ ଶିକ୍ଷା ନୀତିର ଉଦ୍ଦେଶ୍ୟ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ କିନ୍ତୁ, ଦୁଃଖର କଥା ରାଜନୈତିକ କାରଣରୁ ଏହାକୁ ଓଡିଶାରେ କାର୍ଯ୍ୟକରି କରାଯାଇ ନ ଥିଲା। କିନ୍ତୁ, ଆମ ସରକାର ଆସିବା ମାତ୍ରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ, ରାଜ୍ୟରେ ଘରଚ-୨୦୨୦ କାର୍ଯ୍ୟକାରୀ କରାଯାଇଛି ଏବଂ ସ୍ଥାନୀୟ ପ୍ରସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (NCF)କୁ ଓଡ଼ିଶା ପାଇଁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ମଧ୍ୟ ଗ୍ରହଣ କରାଯିବ। ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାବିଦ୍ୟାଳୟ ସ୍ତରରେ ପି.ଏମ୍ ଉଷା ଯୋଜନା ଲାଗୁ କରାଯାଉଛି ବୋଲି ପ୍ରକାଶ କରି ସେ କହିଲେ ଯେ ଏହି ଯୋଜନାରେ ଗୁଣାତ୍ମକ ଶିକ୍ଷାଦାନ, ଆଇ.ସି.ଟି. ଆଧାରିତ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ରହିଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଉଚ୍ଚ ଶିକ୍ଷାରେ ଆମ ସରକାର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ଆମ ସରକାର ଉଭୟ ଶିକ୍ଷା ଏବଂ ପରୀକ୍ଷାରେ ସଂସ୍କାର ଆଣିଛନ୍ତି। ଶିକ୍ଷାର ମାନ ବୃଦ୍ଧି କରିବା ସହିତ ବିଦ୍ୟାର୍ଥୀମାନେ କିପରି ଭାବେ ମେରିଟ ଅନୁଯାୟୀ ଚାକିରି ଏବଂ ଉଚ୍ଚ ଶିକ୍ଷା ପାଇବେ ସେଥିପାଇଁ ଆମେ କାର୍ଯ୍ୟ କରୁଛୁ। ଏଣିକି, ଚାକିରି କେବଳ ସେମାନେ ପାଇବେ, ଯେଉଁମାନେ ହକଦାର। ସରକାରୀ ଚାକିରି ସେମାନଙ୍କ ପାଇଁ ନୁହେଁ, ଯାହା ପକେଟରେ ପଇସା ଅଛି। ଆପଣମାନ ସମସ୍ତେ ଅଧ୍ୟବସାୟ କରନ୍ତୁ, ପରିଶ୍ରମ କରନ୍ତୁ। ଆଗାମୀ ପାଞ୍ଚ ବର୍ଷରେ ଅତି କମରେ ୧.୫ ଲକ୍ଷ ସରକାରୀ ଚାକିରିର ଦ୍ୱାର ଆପଣଙ୍କ ପାଇଁ ଅପେକ୍ଷା କରି ରହିଛି, ଯାହା ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରକ୍ରିୟାରେ ହେବ ବୋଲି ସେ କହିଥିଲେ। ଆମ ରାଜ୍ୟର ଉନ୍ନତିରେ ଶିକ୍ଷା ଏକ ବହୁତ ବଡ ମାଧ୍ୟମ। ଏହାକୁ ଦୃଷ୍ଟିରେ ରଖି ଆଗାମୀ ବଜେଟରେ କେବଳ ଶିକ୍ଷା ପାଇଁ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରାଯାଇଛି ଯାହା ମୋଟ ବଜେଟର ୧୪.୨ ପ୍ରତିଶତ ଏବଂ ଜିଏସଡିପି ର ୩.୯ ପ୍ରତିଶତ ଯାହା ସାରା ଦେଶରେ ପ୍ରାୟ ସବୁଠାରୁ ଅଧିକ। କେବଳ ଉଚ୍ଚ ଶିକ୍ଷା ପାଇଁ ୩ ହଜାର ୬୫୫ କୋଟି ଟଙ୍କାର ପ୍ରବଧାନ କରାଯାଇଛି। ଏଥିରୁ, ଆପଣମାନେ ସରକାରଙ୍କ ଶିକ୍ଷା ପ୍ରତି ପ୍ରତିବଦ୍ଧତା ଜାଣିପାରିବେ ବୋଲି ସେ ମତ ଦେଇଥିଲେ। ଆଗାମୀ ଦିନରେ ଓଡ଼ିଶାର ଶିକ୍ଷା, ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ଛାତ୍ରଙ୍କ ବିକାଶପାଇଁ ଆମ ସରକାର ସମସ୍ତ ପଦକ୍ଷେପ ନେବେ ଏବଂ ଓଡ଼ିଶାର ଶିକ୍ଷାର ବିକାଶଦ୍ୱାରା ଓଡ଼ିଆ ଛାତ୍ର ଓ ଶିକ୍ଷକ ଜାତୀୟ ଓ ଅନ୍ତର୍ଜାତୀୟ ମାନକ ଓ ସୂଚକାଙ୍କରେ ସମକକ୍ଷ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ, କଲେଜ ଜୀବନରେ ଛାତ୍ର ରାଜନୀତି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏଣୁ ଆମ ସରକାର ପୁଣିଥରେ ଛାତ୍ର ସଂସଦ ନିର୍ବାଚନ ପ୍ରଥା ଆରମ୍ଭ କରିବାକୁ ଯାଉଛନ୍ତି। ଉଚ୍ଚ ଶିକ୍ଷାକୁ ସର୍ବଦା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସଶକ୍ତ କରି ଥାଏ ଏଣୁ ଆମ ସରକାର ଗୋଦାବରୀଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବେ ଯାହା ଶିକ୍ଷାର ମୂଳଦୁଆକୁ ମଜବୁତ କରିବ। ଆମ ସରକାର ଜନତାଙ୍କ ଭାବାବେଗର ସହିତ କାର୍ଯ୍ୟ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଅନେକ ଧନ୍ୟବାଦ।

## ବର୍ଷା ଆଣିଲା ଆଶ୍ୱସ୍ତି, ତାତିରୁ ମିଳିଲା ତ୍ରାହି

ବୁଗୁଡା : ଚଳିତ ମାର୍ଚ୍ଚ ମାସ ଆରମ୍ଭରୁ ହିଁ ବୁଗୁଡା ଅଞ୍ଚଳରେ ଗ୍ରୀଷ୍ମର ପ୍ରଭାବ ଦେଖିବାକୁ ମିଳିଥିଲା।। ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଥିଲା। ଟାଣ ଖରାର ପ୍ରକୋପ ଯୋଗୁଁ ମଧ୍ୟାହ୍ନରେ ଘରୁ ବାହାରିବା ଏକ ପ୍ରକାର କଷ୍ଟକର ବ୍ୟାପାର ଥିଲା। ସେମିତି ଜରୁରୀ କାମ ନଥିଲେ ଲୋକେ ପଦାକୁ ବାହାରିବାକୁ ଅମଙ୍ଗ ହେଉଥିଲା ବେଳେ ରାସ୍ତାଘାଟ ସାମାନ୍ୟ ଫାଙ୍କା ଫାଙ୍କା ଲାଗୁଥିଲା। ଗତ ଦୁଇ ଦିନ ହେଲା ସକାଳେ ଏବଂ ରାତିରେ ଟିକେ ଥଣ୍ଡା ଲାଗୁଥିଲେ ହେଁ ମଧ୍ୟାହ୍ନରେ ଅସହ୍ୟ ଗରମ ହେଉଥିଲା। ତେବେ ଲୋକେ ତାତିରୁ ତ୍ରାହି ପାଇବା ପାଇଁ ବିକଳ ହେଉଥିବା ବେଳେ ଆଜି ଅପରାହ୍ନରେ ବିଜୁଳି ଓ ଘଡଘଡି ସହ ଅସରାଏ ବର୍ଷା ଯୋଗୁଁ ଲୋକଙ୍କୁ ସେଥିରୁ ଆଶ୍ୱସ୍ତି ମିଳିଥିବା ଜଣାଯାଇଛି।


## ସମାଜର ଦୃଷ୍ଟିଶକ୍ତି ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ହଜାର ହଜାର ଦୃଷ୍ଟିହୀନ ଫେରି ପାଇଛନ୍ତି ଦୃଷ୍ଟିଶକ୍ତି

କେନ୍ଦ୍ରାପଡ଼ା, ୨୩।୩ : ସମାଜର ଦୃଷ୍ଟିଶକ୍ତି ପାଲଟିଛି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁରରେ ଥିବା ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର। ଏହି କେନ୍ଦ୍ରର ଉଦ୍ୟମ ଦ୍ୱାରା ହଜାର ହଜାର ଦୃଷ୍ଟିହୀନ ବ୍ୟକ୍ତି ଦୃଷ୍ଟିଶକ୍ତି ଫେରି ପାଇଛନ୍ତି। ଦୃଷ୍ଟିଶକ୍ତି ଫେରି ପାଇବା ପରେ ଦୁନିଆକୁ ସ୍ୱଚକ୍ଷୁରେ ଦେଖିବାର ଅଦ୍ୱିତୀୟ ସୁଯୋଗ ପାଇଛନ୍ତି ଅନେକ ଦୃଷ୍ଟିହୀନ। ଦୃଷ୍ଟିଶକ୍ତି ଫେରି ପାଇଥିବା ବ୍ୟକ୍ତିମାନେ ଅନୁଷ୍ଠାନର ମୁଖ୍ୟ ଡା. ସରୋଜ କୁମାର ତ୍ରିପାଠୀଙ୍କୁ ଭଗବାନ ଭାବେ ଅଭିହିତ କରିଛନ୍ତି। ସେମାନଙ୍କ ମତରେ ସେମାନେ ଜନ୍ମରୁ ଦୃଷ୍ଟିହୀନ ଥିଲେ। ଦୁନିଆ କଳା କି ଧଳା କି ରଙ୍ଗୀନ ତାହା ସେ ଜନ୍ମରୁ ଦେଖିନଥିଲେ। କିନ୍ତୁ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ସରୋଜ କୁମାର ତ୍ରିପାଠୀଙ୍କ ଅଦମ୍ୟ ଉଦ୍ୟମ ସେମାନଙ୍କୁ ନୂଆ ଦୁନିଆ ଦେଖାଇବାରେ ସାହାଯ୍ୟ କରିଛି। କେବଳ ଦୃଷ୍ଟିହୀନ ବ୍ୟକ୍ତି ନୁହନ୍ତି କେନ୍ଦ୍ରାପଡା ଜିଲ୍ଲାର ଲକ୍ଷ ଲକ୍ଷ ଜନସାଧାରଣ ଏବେ ଡାକ୍ତର ସରୋଜ ତ୍ରିପାଠୀଙ୍କ ସମାଜସେବା ପ୍ରତି ରହିଥିବା ପ୍ରତିବଦ୍ଧତା ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରାଚୁର୍ଯ୍ୟରେ ବଢି ମଧ୍ୟ ଜଣେ ସାଧାରଣ କୃଷକ ଭଳି ଜୀବନ ବିତାଇଥାନ୍ତି ଡାକ୍ତର ସରୋଜ ତ୍ରିପାଠୀ। ତାଙ୍କ ମନରେ ଗର୍ବ, ଅହଂକାର, ବଡିମା ଜମାରୁ ନାହିଁ। ତାଙ୍କ ସହ ଦୁଇପଦ କଥା ହୋଇଗଲେ ରୋଗୀଙ୍କର ଅଧା ରୋଗ ଭଲ ହୋଇଯାଏ ବୋଲି ଚିକିତ୍ସାଳୟର ଉନବିଂଶତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥି ଓ ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ଏହି




ଅବସରରେ ଡାକ୍ତର ସରୋଜ ତ୍ରପାଠୀ କୁହନ୍ତି ତାଙ୍କ ଜୀବନର ସମସ୍ତ ପୁଞ୍ଜି ସେ ସମାଜ ପାଇଁ ଲଗାଇ ଦେଇଛନ୍ତି। ତାଙ୍କ ଦେହରେ ପ୍ରବାହିତ ହେଉଥିବା ଶେଷ ରକ୍ତବୁନ୍ଦା ପର୍ଯ୍ୟନ୍ତ ସେ ଲୋକଙ୍କ ସେବା କରିବେ। ଲୋକଙ୍କ ସେବା କରି ଆଖିବୁଜି ଦେଲେ ତାଙ୍କ ଜୀବନ ସାର୍ଥକ ହୋଇଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ସତ୍ୟସାଇ ସେବାସମିତି ସଭାପତି ଉମେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ)ର ସଭାପତି ଲକ୍ଷ୍ମୀକାନ୍ତ ପାଲିତ ଓ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଡା. ସନ୍ତୋଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଚିକିତ୍ସାଳୟରେ ଏହା ମଧ୍ୟରେ ୨୦ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଅସ୍ତ୍ରୋପ୍ରଚାର ଏବଂ ଚିକିତ୍ସା କରାଯାଇଛି । ୧୯ବର୍ଷ ଅତିକ୍ରମ କରିଥିବା ଏହି ଚିକିତ୍ସାଳୟରେ ଚକ୍ଷୁ ଅସ୍ତ୍ରୋପ୍ରଚାର ପାଇଁ କଟକ, ଭୁବନେଶ୍ୱର ଭଳି ବଡ ବଡ ସହରକୁ ଯାଇପାରୁନଥିବା ଗରୀବ ଅସହାୟ ଲୋକମାନଙ୍କ ଚକ୍ଷୁରେ ଅସ୍ତ୍ରୋପ୍ରଚାର କରାଯାଉଛି । ସମାଜସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ସରୋଜ କୁମାର ତ୍ରିପାଠୀ ପ୍ରକୃତରେ ଏମାଟିର ଜଣେ ସୁଯୋଗ୍ୟ ସନ୍ତାନ ଓ ଏକ ବିରଳ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ)ର ପ୍ରାକ୍ତନ ସଭାପତି ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମହାପାତ୍ର, ଦିବ୍ୟରଞ୍ଜନ ଦାସ, ନିରଜନୟନ ଦ□, ଡା. ନିରଞ୍ଜନ ପରିଡା, ସତ୍ୟବ୍ରତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗଣାପଲ୍ଲୀ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ




ଛତ୍ରପୁର, ୨୩/୩: ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଟ ବଗଡ଼ ଗ୍ରାମ ନିକଟରେ ବିଜେପିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ସୁଦାମ, ସମିତି ସଭ୍ୟା ମିନା କୁମାରୀ ସାହୁ, ବରିଷ୍ଠ ଶିକ୍ଷାବିତ କୋରା ମହାରଣା, ଅମରେଶ୍ୱର ସାହୁ,ପ୍ରଶାନ୍ତ କୁମାର ପ୍ରଧାନ ଓ କେଟିଏନ ପୁର ଶ୍ୟାମକାଳୀ ଯୁବକ ସଂଘ ଙ୍କ ସମେତ ବହୁ ୱାର୍ଡ ସଭ୍ୟ ଏବଂ ଟାଙ୍ଗଣାପଲ୍ଲୀ ପଞ୍ଚାୟତ ର ବହୁ ଜନସାଧାରଣ ବିଭିନ୍ନ ଦଳ ଛାଡି ବିଜେପି ଦଳରେ ସାମିଲ ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ ସବକା ବିକାଶରେ ବିଶ୍ୱାସ କରି ଅନ୍ୟ ଦଳ ଛାଡି ଆଜି ବିଜେପିରେ ସାମିଲ ହୋଇଥିବା କହିଥିଲେ। ବିଧାୟକ ଶ୍ରୀ ନାୟକ ସେମାନଙ୍କ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ଆଗକୁ ଆହୁରି ଦଳ ମଜବୁଦ ହେବା ସହ ଏହି ଡବଲ ଇଞ୍ଜିନ ସରକାର ଯାହା କଥା ଦିଏ ତାହା କାମରେ କରେଇକି ଦେଖାଏ। ନିର୍ବାଚନ ସମୟରେ ଯେଉଁ ପ୍ରତିଶୃତି ବିଜେପି ଦେଇଥିଲା ତାହା ଏବେ ଗୋଟେ ଗୋଟେ କରି କାମରେ ଲଗାଉଛି ବୋଲି କହିବା ସହ ଏହି ଦଳ ସର୍ବଦା ଲୋକଙ୍କ ସେବାହିଁ କାମ କରିବ ବୋଲି କହିଥିଲେ । ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକ ଙ୍କ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁ ସଂଯୋଜନାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଆର. ସନ୍ତୋଷ ରେଡ୍ଡୀ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଓବିସି ମୋର୍ଚ୍ଚା ସାଧାରଣ ସଂପାଦକ ବି.ଶଙ୍କର ରେଡି,ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବସନ୍ତ କୁମାର ବେହେରା,ପୂର୍ବତନ ସମିତିସଭ୍ୟ ଏନ୍.ଦୁର୍ଯ୍ୟୋଧନ ରେଡି, ପୂର୍ବତନ ସରପଞ୍ଚ ଗାଣ୍ଡୁଧର ଗୌଡ, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା,ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୂର୍ବତନ ସମିତି ସଭ୍ୟ ଜୟଦେବ ଲେଙ୍କା, ଅଶୋକ ପାଣିଗ୍ରାହୀ ଓ ଜ୍ୟୋତି ରଞ୍ଜନ ସାହୁ, କଣମଣା ମଣ୍ଡଳ ସଭାପତି ଏନ. ଦୀନବନ୍ଧୁ, କେ. ରଘୁନାଥ ରେଡ୍ଡୀ, ପି. ଧର୍ମା ରେଡ୍ଡୀ, ବାଦଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦ୍ରାପଡା ମହାବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଯୋଗଦାନ

କେନ୍ଦ୍ରାପଡ଼ା, ୨୨।୩: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପ୍ରଫେସର ଡ. ସଞ୍ଜୀବ କୁମାର ମହାନ୍ତି ଶନିବାର ଯୋଗଦେଇଛନ୍ତି। ଏଠାରେ ଅତିରିକ୍ତ ଦାୟିତ୍ୱରେ ଥିବା ଇନ୍ଦୁପୁର ବିରୂପା ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅଭିଜିତ ବୋଷ ଡ. ମହାନ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପଦବୀରେ ବିରୂପା ମହାବିଦ୍ୟାଳୟର ଅଧକ୍ଷ ଅତିରିକ୍ତ ଦାୟିତ୍ୱରେ ଥିଲେ। ଜଗତସିଂହପୁର ଜିଲାର ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରାଧ୍ୟାପକ ଡ. ମହାନ୍ତି କାର୍ଯ୍ୟରତ ଥିଲେ। ନୂତନ ଅଧକ୍ଷ ଡ.



ମହାନ୍ତିଙ୍କୁ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଅଧକ୍ଷ ଡ. ମହାନ୍ତି କହିଛନ୍ତି ଯେ ସେ ଶିକ୍ଷାଦାନକୁ ପ୍ରାଥମିକତା ଦେବେ ଓ ଛାତ୍ରଛାତ୍ରୀମାନଙ୍କୁ ଦୈନିକ ଶ୍ରେଣୀରେ ପାଠ ପଢାଇବାରେ କୌଣସି ଅବହେଳାକୁ ସେ ବରଦାସ୍ତ କରିବେନାହିଁ। ଏଥିସହିତ ମହାବିଦ୍ୟାଳୟ ପରିସରରେ ଶାନ୍ତ ପରିବେଶ, ଶୈକ୍ଷିକ ବାତାବରଣ ସୃଷ୍ଟି ସହ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ସାଂସଦ ବୈଜୟନ୍ତ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡାଙ୍କୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଅଧ୍ୟାପକ ପ୍ରଦୀପ୍ତ କୁମାର ଶତପଥୀ, ଅଧ୍ୟାପକ ପ୍ରମୋଦ କୁମାର ଦାସ, ପ୍ରତାପ ମହାନ୍ତି, ନିରଞ୍ଜନ ପରିଡା, ଭାଗିରଥୀ ଜେନା ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## କଷଅଂଟା ବିଦ୍ୟାଳୟରେ ଚାଲିଛି କେଳେଙ୍କାରୀ

କେନ୍ଦ୍ରାପଡ଼ା, ୨୩।୩: ମାଟ୍ରିକ ପରୀକ୍ଷା ଖାତା ଦେଖାରେ କୌଣସି କେଳେଙ୍କାରୀକୁ ବରଦାସ୍ତ କରାଯିବ ନାହିଁ। କେଳେଙ୍କାରୀରେ ସଂପୃକ୍ତ ଟିଚର ଯେତେ କ୍ଷମତାଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। କିନ୍ତୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଷଣଅଂଟା ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମାଟ୍ରିକ ଖାତା ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେଉଛନ୍ତି ଜଣେ ଅନଭିଜ୍ଞ ଟିଚର। ତାଙ୍କର କୌଣସି ଅଭିଜ୍ଞତା ନଥାଇ ମଧ୍ୟ ତାଙ୍କୁ ସୁପରଭାଇଜର କ୍ଷମତା ପ୍ରଦାନ କରାଯାଇଛି। ଫଳରେ ସେ ମୂଲ୍ୟାୟନ କେନ୍ଦ୍ରରେ ବ୍ୟାପକ ହେରାଫେରି କରୁଛନ୍ତି। ମୂଲ୍ୟାୟନ କେନ୍ଦ୍ରରେ ଯାହାକୁ ପାଉଛନ୍ତି ତାକୁ




ପୁରାଉଛନ୍ତି। କୌଣସି ଶିକ୍ଷକ ଏହାକୁ ବିରୋଧ କଲେ ତାଙ୍କ ବିରୋଧରେ ବୋର୍ଡରେ ଅଭିଯୋଗ କରାଇ ମାଟ୍ରିକ ଖାତା ଦେଖାରୁ ନିବୃତ କରିବେ ବୋଲି ଧମକ ଦେଉଛନ୍ତି। ଆତଙ୍କବାଦୀ ଯେଭଳି ଅପହରଣ କରିବା ସମୟରେ ଜଣେ ଲୋକଙ୍କୁ ହତ୍ୟା କରି ଅନ୍ୟମାନଙ୍କୁ ଧମକ ଦେଇଥାନ୍ତି ଠିକ ସେହିଭଳି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଜଣେ ହିନ୍ଦୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟାମାନଙ୍କୁ ଡରାଇ ଧମକାଇ ରଖିଛନ୍ତି। ଏହି ର୍ୟାକେଟ ପଛରେ ଜିଲ୍ଲା ବିଜ୍ଞାନ ପରିଦର୍ଶକଙ୍କ ପ୍ରଛନ୍ନ ହାତ ରହିଥିବା ଚର୍ଚ୍ଚା ହେଉଛି। ଯେଉଁ ମହାଶୟଙ୍କୁ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର କରାଯାଇଛି ତାଙ୍କର ମାତ୍ର ୩ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ନିୟମ ମୁତାବକ କୌଣସି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେବାକୁ ହେଲେ ଜଣେ ଶିକ୍ଷକଙ୍କୁ ଅନୂନ୍ୟ ୧୫ବର୍ଷର ଅଭିଜ୍ଞତା ଆବଶ୍ୟକ। ତେଣୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ କି ଫାଇଦା ପାଇ ଜଣେ ଅନଭିଜ୍ଞ ଟିଚରଙ୍କୁ ସୁପରଭାଇଜର କରିଦେଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ବହୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମତବ୍ୟକ୍ତ କରିଛନ୍ତି।

## କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦଯାପିତ

କେନ୍ଦ୍ରାପଡ଼ା, ୨୩।୩: ସଂସ୍କୃତି ଭବନରେ ଚାଲିଥିବା ପଂଚମ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ଡେଭଲପମେଂଟ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଂଟ ମ୍ୟାନେଜର୍ସ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ରବିବାର ୫ଟି ଅଧିବେଶନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକମାନେ ଯୋଗ ଦେଇ ବୌଦ୍ଧିକ ଚର୍ଚ୍ଚା କରିଥିଲେ। 'କାହାଣୀହୀନ ଜୀବନ ଓ କାହାଣୀ ପରି ଗପ' ଅଧିବେଶନରେ ରବି ସ୍ୱାଇଁ, ଗିରିଶ ଚନ୍ଦ୍ର ସାହୁ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି ଓ ଅମରେଶ ବିଶ୍ୱାଳ ଭାଗ ନେଇଥିଲେ। 'ଜୀବନ, ସୃଜନ ଓ ସାୟାହ୍ନ' ଶୀର୍ଷକ ଆଲୋଚନାରେ ବୈକୁଣ୍ଠ ନାଥ ସାହୁ, ମୋହନ ଚରଣ ଜେନା ଓ ମନ୍ମଥ ବରାଳ ଭାଗ ନେଇଥିଲା ବେଳେ ବୈଜୟନ୍ତୀମାଳା ହରିଚନ୍ଦନ ସଂଯୋଜନା କରିଥିଲେ। 'ସୃଜନ, ଅର୍ଜନ ଓ ଆହ୍ୱାନ: ଓଡ଼ିଆ ସାହିତ୍ୟ ପତ୍ରିକାର ସ୍ଥିତି' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ରମାକାନ୍ତ ଜେନା, ଶ୍ରୀଧର ସାମଲ, ପବିତ୍ର ବ୍ରହ୍ମପୁତ୍ର ନାୟକ ଓ ପ୍ରଦୀପ ନାୟକ। 'ବୃତି ପ୍ରବୃତି ଓ ନିବୃତ ଶୀର୍ଷକ ଆଲୋଚନାଚକ୍ରରେ ସ୍ୱୟଂପ୍ରଭା ସାହୁ, ନିରୂପମା ସ୍ୱାଇଁ, ଡାକ୍ତର ଇପ୍ସିତା ପ୍ରଧାନ ଓ ସୁନନ୍ଦା ପ୍ରଧାନ ଭାଗ ନେଇଥିଲେ। 'ପ୍ରତିଶ୍ରୁତିର କାବ୍ୟାକ୍ଷର: ୯ କବି ଓ ୯ କବିତା' ଶୀର୍ଷ ଅଧିବେଶନରେ ଅତିଥି ଭାବେ ବିନାୟକ ପ୍ରଧାନ ଯୋଗ ଦେଇଥିଲା ବେଳେ ସଂଯୋଜନା କରିଥିଲେ ପ୍ରେମାନନ୍ଦ ଖଣ୍ଡୁଆଳ ଓ ସୁକାନ୍ତ କୁମାର ପ୍ରଧାନ। ବିଶିଷ୍ଟ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା, କବି ଅପର୍ଣ୍ଣା ମହାନ୍ତି ଓ କଥାକାର ତଥା କବି ବିରଜା ରାଉତରାୟ ଉପସ୍ଥିତ ରହି ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରାପଡ଼ା ଡେଭଲପମେଂଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ଓ କେମ୍‌ର ସଭାପତି ଅକ୍ଷୟ ପାଣିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସାହିତ୍ୟ ଉତ୍ସବର ପ୍ରାରମ୍ଭରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଅଧ୍ୟାପକ ରାଜେଶ କୁମାର ସେଠୀ, ପ୍ରତିଭାମୟୀ ଦାସ, ଆଶୁତୋଷ ରାଉତ, ଗିରିଜାକାନ୍ତ ଦାସ, ଶ୍ରୀଧର ବେହେରା ଓ ଅଜିତ କୁମାର ଦାସ ପରିଚାଳନା କରିଥିଲେ। କେମ୍‌ର ସମ୍ପାଦକ ମହମ୍ମଦ ଜାହିଦ୍ ଖାଁ, ସଦସ୍ୟ ପ୍ରତାପ ସ୍ୱାଇଁ ଓ କେନ୍ଦ୍ରାପଡ଼ା ଡେଭଲପ୍‌ମେଂଟ ଫାଉଣ୍ଡେସନର ଟ୍ରଷ୍ଟି ବିଶ୍ୱରଞ୍ଜନ ଦାଶ ଓ ପ୍ରଶାନ୍ତ ସାମନ୍ତରାୟ ଉପସ୍ଥିତ ଥିଲେ।

## ବୁଢୀ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ନେଇ ଉପ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ବ୍ରହ୍ମପୁର: ସ୍ଥାନୀୟ ଉପ ଜିଲ୍ଲାପାଳ ବ୍ରହ୍ମପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପ ଜିଲ୍ଲାପାଳ ଦିନା ଦସ୍ତାଗୀର୍ ଙ୍କ ତତ୍ତ୍ୱାବଧାନରେ ମାଁ ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଅନୁଷ୍ଠିତ ନେଇ ଏକ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଯାତ୍ରା ପରିଚାଳନା କମିଟିର ମୁଖ୍ୟ ପି ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ସମେତ ସହଯୋଗୀ ବଦ୍ରି ନାରାୟଣ ନାୟକ, ଜଗନ୍ନାଥ ପାତ୍ର, କେ ଦୁର୍ଗା ରାଓ, ଶ୍ରୀନିବାସ, ପ୍ରସାଦ ରାଓ, ରାଜେଶ କୁମାରଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ମାଁ ଙ୍କ ଯାତ୍ରାରେ ଆବଶ୍ୟକ ଥିବା ବିଭିନ୍ନ ସୁବିଧା ଓ ବହୁ ସମସ୍ୟା ଗୁଡିକର ସମାଧାନ ବିଷୟରେ ଅବଗତ କରାଇଥିଲେ। ସେହିପରି ଚଳିତ ବର୍ଷ ମାଁ ଙ୍କ ଏହି ଯାତ୍ରାରେ ଭକ୍ତଙ୍କ ସମାଗମ ପାଖାପାଖି ବହୁ ପରିମାଣରେ ବଢ଼ିବାକୁ ଅନୁମାନ କରାଯାଉଥିବା ହେତୁ ସମସ୍ତ ଦିଗକୁ ଗୁରୁତ୍ୱ ଦେଇ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏନେଇ ମାନନୀୟ ଉପ ଜିଲ୍ଲାପାଳ ମହୋଦୟ ଉପସ୍ଥିତ ସମସ୍ୟା ବିଭାଗୀୟ ଅଧିକାରୀ, ସୁରକ୍ଷା ଅଧିକାରୀ ତଥା ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ମାନଙ୍କ ମଧ୍ୟରେ ଯାତ୍ରାରେ ଆବଶ୍ୟକ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଗୁରୁତ୍ୱ ଦେଇ ସମୀକ୍ଷା କରିଥିଲେ। ସେଥି ମଧ୍ୟରୁ ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ, ସଫେଇ, ପିଇବା ପାଣି, ବିଜୁଳି ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଅଗ୍ନି ନିରାପତ୍ତା ବିହୀନ ବ୍ୟବସ୍ଥା ଉପାରେ ଅଧିକ ଗୁରୁତ୍ୱ ଦିଆଯିବା ସହ, ଭକ୍ତ ମାନଙ୍କ ପାଇଁ କିଭଳି ଶୌଚାଳୟର ବ୍ୟବସ୍ଥା ବା ମୋବାଇଲ ଶୌଚାଳୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ବ୍ୟବସ୍ଥା, ଯାତ୍ରା ମଣ୍ଡପକୁ ଆସିବା ଏବଂ ଯିବା ପାଇଁ ସ୍ୱତନ୍ତ୍ର ମ୍ୟାପ, ମହାନଗର ନିଗମ ଦ୍ୱାରା ସଫେଇ, ପିଏଚ ଇଡି ଦ୍ୱାରା ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ଭଳି ବିଭିନ୍ନ ଦିଗ ଉପରେ ସମୀକ୍ଷା ଖୋଇଥିଲ । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ବିଜୟ କୁମାର ପଣ୍ଡା, ଏସଡିପିଓ ଟାଉନ ପ୍ରୟାସ ରଞ୍ଜନ ଛୋଟରାୟ, ସଦର ଶୁଭ୍ରାଂଶୁ



ଶେଖର ପରିଡ଼ା, ମହାନଗର ନିଗମ ସନିଟେଶନ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ୱାଟକୋ ଜିଏମ ବିକାଶ ପାଢ଼ୀ, ଅଗ୍ନିଶମ ବିଭାଗ ଅଧିକାରୀ ଠାକୁର ପ୍ରସାଦ ଦଳାଇ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଂପୃକ୍ତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଶେଷରେ ଏହି ଯାତ୍ରାକୁ ସୁଚାରୁ ରୂପେ ପରିଚାଳନରେ ସହଯୋଗ କରିବା ସହ ସଫଳ କରିବା ପାଇଁ ଯାତ୍ରା କମିଟିର ମୁଖ୍ୟ ପରିଚାଳକ ଶ୍ରୀ ଦେଶୀ ବେହେରା ଅନୁରୋଧ କରିଥିଲେ।

## ଡକ୍ଟର ଗୌରଗୋପାଳ ମହାନ୍ତିଙ୍କ ବିୟୋଗରେ ଶୋକସଭା

କଟକ, ୨୧।୩- ବିଶିଷ୍ଟ ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ଗୌରଗୋପାଳ ମହାନ୍ତିଙ୍କ ବିୟୋଗରେ ମା'ଗଡଚଣ୍ଡୀ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ପ୍ରଫେସର ଦିନେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ସହରର ଅନେକ ବୁଦ୍ଧିଜୀବୀ ଏବଂ ସ୍ୱର୍ଗତ ମହାନ୍ତିଙ୍କ ସହିତ ସମ୍ପର୍କିତ ବ୍ୟକ୍ତିମାନେ ଯୋଗଦେଇ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି କହିଥିଲେ ଯେ, ଡକ୍ଟର ମହାନ୍ତିଙ୍କ ବିୟୋଗ ବୌଦ୍ଧିକ ଜଗତପାଇଁ ଏକ ଅପୂରଣୀୟ କ୍ଷତି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଡକ୍ଟର ନାରାୟଣ ମହାନ୍ତି, 'ରାଷ୍ଟ୍ରଦୀପ'ର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ସହସମ୍ପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ରଶ୍ମିରେଖା ଦାସ ପ୍ରମୁଖ ଯୋଗ ଦେଇଥିଲେ।